ନିର୍ବନ୍ଧ ସରିଥିଲା, ସପ୍ତାହକ ପରେ ଥିଲା ବାହାଘର

# ପ୍ରେମିକ ସହ ଯୁବତୀ ଫେରାର





**କଟକ, ୧୬।୨(ସମିସ)**

କଟକ ସହରର ପୁରୀଘାଟ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ବିବାହ ଅନ୍ୟତ୍ର ସ୍ଥିର ହୋଇଥିଲା। ପ୍ରାୟ ୩ ମାସ ପୂର୍ବେ ବହୁ ଆଡ଼ମ୍ବରରେ ନିର୍ବନ୍ଧ ଶେଷ ହୋଇଥିଲା ଏବଂ ଭାବୀ ସ୍ୱାମୀଙ୍କ ପରିବାର ପକ୍ଷରୁ ଯୁବତୀଙ୍କୁ ସୁନାର ହାର, ଚୁଡ଼ି ସମେତ ଅନେକ ମୂଲ୍ୟବାନ ଅଳଙ୍କାର ଉପହାର ଦିଆଯାଇଥିଲା। ଆସନ୍ତା ସପ୍ତାହରେ ବିବାହ ପାଇଁ ସବୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ହଠାତ୍ ଦୁଇ ଦିନ ତଳେ ଯୁବତୀ ଜଣକ ଘରୁ ନିଖୋଜ ହୋଇଯାଇଥିଲେ। ଯୁବତୀଙ୍କ ପରିବାର ଲୋକେ ଖୋଜାଖୋଜି କରିବା ପରେ ଜାଣିବାକୁ ପାଇଥିଲେ ଯେ ଝିଅ ଜଣକ ପ୍ରେମିକ ସହିତ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଘରୁ ସବୁତକ ସୁନା ଅଳଙ୍କାର ନେଇ ପଳାଇଥିଲେ। ଏନେଇ ଝିଅ ଘର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ସେମାନେ ଏହି ବିଷୟ ପୁଅ ଘର ଲୋକଙ୍କୁ ଜଣାଇ ନ ଥିଲେ। ସୋମବାର ଏହି ଖବର ପାଇବା ପରେ ପୁଅ ଘର



ଲୋକେ ଯୁବତୀଙ୍କ ଘରେ ପହଞ୍ଚି ବିବାହ ବାତିଲ କରିବା ସହ ନିର୍ବନ୍ଧ ସୁନା ଫେରସ୍ତ ମାଗିଥିଲେ। ପୁରୀଘାଟ ପୁଲିସ ନିଖୋଜ ଯୁବତୀ ଓ ତାଙ୍କ ପ୍ରେମିକକୁ ଉଦ୍ଧାର କରି ଥାନାକୁ ଆଣିବା ପରେ ସେଠାରେ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ପୁଅ ଘର ଲୋକେ ଥାନାରେ ପହଞ୍ଚି ନିଜ ସୁନା ଅଳଙ୍କାର ମାଗିଥିଲେ, ମାତ୍ର ଯୁବତୀ ଜଣକ ସୁନା ବିଷୟରେ କିଛି ଜାଣି ନ ଥିବା କହିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରେମିକର ପରିବାର ଲୋକେ ଘଟଣାରେ ହସ୍ତକ୍ଷେପ କରିବାରୁ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଥାନା ପରିସରରେ ତିନି ପରିବାର ମଧ୍ୟରେ ପ୍ରବଳ ହାତାହାତି ଓ ଧସ୍ତାଧସ୍ତି ହୋଇଥିଲା। ଥାନା ଭିତରେ ଚାଲିଥିବା ଏହି ତୁମୂଳକାଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ବହୁ ବୁଝାସୁଝା ପରେ ମଧ୍ୟ କେହି ନ ଶୁଣିବାରୁ ଶେଷରେ ପୁଲିସ ବଳପ୍ରୟୋଗ କରିଥିଲା। କିଛି ଯୁବକଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ଆଣିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଏହି ହଙ୍ଗାମା କରିବା ଅଭିଯୋଗରେ ପୁଲିସ ପ୍ରାୟ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୁନା ଅଳଙ୍କାର କୁଆଡ଼େ ଗଲା, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

- ଥାନା ପରିସରରେ ମୁହାଁମୁହିଁ ହେଲେ ତିନି ପରିବାର
- ନିର୍ବନ୍ଧ ସୁନାକୁ ନେଇ ପୁରୀଘାଟ ଥାନାରେ ତୁମୂଳକାଣ୍ଡ
- ପୁଲିସ ସହ ଧସ୍ତାଧସ୍ତି, ୪ ଅଟକ

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




**ନିଶ୍ଚିନ୍ତକୋଇଲି, ୧୬।୨(ସମିସ):** ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ୨୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ସୋମବାର ପୂର୍ବାହ୍ନରେ ଶୁଭ ଶିଳାନ୍ୟାସ କରାଯାଇଛି। କୋଲଣପୁର ପଞ୍ଚାୟତ ନିକଟରୁ ଏକ ବିରାଟ ମୋଟର ସାଇକଲ ଶୋଭାଯାତ୍ରାରେ ଆସି ପ୍ରଥମେ କଳାଗ୍ନି କୋଲଣପୁର ରାସ୍ତା କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିବା ବେଳେ କୁଳିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ନୂତନ ଗୋଦାମ ଗୃହ, କେନ୍ଦୁପାଟଣା ପ୍ରାଥମିକ କୃଷି ସମବାୟ ସମିତିର ଗୋଦାମ ଗୃହ ଗ୍ରାମ୍ୟ ଉନ୍ନୟନ ବିଭାଗର ଜିଗ୍ନିପୁର ଜଗନ୍ନାଥ ମନ୍ଦିରଠାରୁ ଜୟରାମପୁର ଭାୟା ପାଇକରାପୁର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ, ନିଶ୍ଚିନ୍ତକୋଇଲି-କାଜିହାଟ ରାସ୍ତା କାର୍ଯ୍ୟ, ଓଥକାଠାରୁ ରାମକୃଷ୍ଣପୁର ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହାପରେ ଜୋନ୍ ସଭାପତି ସଞ୍ଜୟ ବେହେରାଙ୍କ ସଂଯୋଜନାରେ ରାମକୃଷ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ସର୍ପଯୋଡି ପଡ଼ିଆ ନିକଟରେ ୨୪ ନମ୍ବର ଜୋନସ୍ତରୀୟ ୭ଟି ପଞ୍ଚାୟତ ସମେତ କୋଲଣପୁର ପଞ୍ଚାୟତକୁ ନେଇ ଏକ ବିକାଶ ସମାବେଶ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଶାରଦା ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ସମ୍ମାନିତ ଅତିଥିଭାବେ ସିସିବିର ପ୍ରାକ୍ତନ ସଭାପତି ଅଶୋକ ଓଝା, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କମଳା ବସ୍ତିଆ, ସମିତିସଭ୍ୟା ନର୍ମଦା ରାଉତ, ସରସ୍ୱତୀ ରାଉତ, ସବିତା ସାମଲ, ସବିତା ସିଂ, ସରପଞ୍ଚ ବୈଷ୍ଣବ ସାମଲ, ଦୀପ୍ତିମୟୀ ବରାଳ, ମଧୁସ୍ମିତା ରାଉତ, ଗୋପବନ୍ଧୁ ସେଠୀ, ଜ୍ଞାନରଞ୍ଜନ ରାଉତ, ଚକ୍ରଧର ଦାସ, ପଞ୍ଚାୟତ ସଭାପତି ଅନନ୍ତ କିଶୋର ମଲ୍ଲ, ଦିଲ୍ଲୀପ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଆଜବେଷ୍ଟସ୍ ଭାଙ୍ଗି ଜନସେବା କେନ୍ଦ୍ରରୁ ଚୋରି

**ଟାଙ୍ଗୀ, ୧୬।୨(ସମିସ):** କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀରେ ଥିବା ଜନସେବା କେନ୍ଦ୍ରରୁ ଶନିବାର ରାତିରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ପ୍ରିଣ୍ଟର ଓ କ୍ୟାମେରା ଚୋରି ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ହଳଦୀବସନ୍ତ ଗ୍ରାମର ତାପସ କୁମାର ବେଉରା ଦୀର୍ଘ ପାଞ୍ଚ ବର୍ଷରୁ ଅଧିକ ହେବ ବିଶ୍ୱନାହାକାଣୀ ଠାରେ ଏକ ଆଜବେଷ୍ଟସ ଭଡ଼ା ଘରେ ଜନସେବା



କେନ୍ଦ୍ର କରି ଲୋକମାନଙ୍କୁ ସେବା ଯୋଗାଇ ଦେଇ ଆସୁଥିଲେ। ଗତ ଶନିବାର ରାତିରେ କିଛି ଚୋର ଉକ୍ତ ଘରର ଆଜବେଷ୍ଟସ ଭାଙ୍ଗି ଦୁଇଟି କମ୍ପ୍ୟୁଟର ସିଷ୍ଟମ, ଦୁଇ ପ୍ରିଣ୍ଟର ଓ ଡିଏସଏଲ କ୍ୟାମେରା ଚୋରି ହୋଇଥିବା ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱାଳି ଫାଣ୍ଡିର କର୍ମଚାରୀ ଦେଖିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଚୋରର କୌଣସି ସନ୍ଧାନ ମିଳି ନ ଥିବା ଜାଣିବାକୁ ମିଳିଛି। ଜଣେ ବେକାର ଯୁବକ ଧାର ଉର୍ଦ୍ଧାର କରି ଜନସେବା କେନ୍ଦ୍ର ମାଧ୍ୟମରେ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ବର୍ତ୍ତମାନ ଶ୍ରୀ ବେଉରା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଟାଙ୍ଗୀ ହରିପୁର ରାସ୍ତାରେ ଥିବା ପ୍ରାୟ ସମସ୍ତ ବଜାରରେ ବିଗତ ଦିନରେ ଚୋରି ହୋଇଛି କିନ୍ତୁ କୌଣସି ଚୋରିର ସନ୍ଧାନ ମିଳିନାହିଁ। ଯଦି ଏହିଭଳି ଚୋରି ଲାଗି ରହେ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ। ଏଣୁ ଉକ୍ତ ରାସ୍ତାରେ ଥିବା ବଜାରରେ ରାତ୍ରିକାଳୀନ ପୁଲିସ ପକ୍ଷରୁ ପେଟ୍ରୋଲିଂ କରିବାକୁ ସମସ୍ତ ବଜାର ଦୋକାନ ମାଲିକମାନେ ଜନସାଧାରଣରେ ଦାବି କରୁଥିବା ଦେଖିବାକୁ ମିଳିଛି।

## ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର




**କନ୍ଦରପୁର, ୧୬।୨(ସମିସ):** ବିଭିନ୍ନ ରୋଗ ପାଇଁ ଯୋଗ ଆଧାରିତ ପରାମର୍ଶ ଓ ପ୍ରବନ୍ଧନ ନିଃଶୁଳ୍କ ଯୋଗ ଶିବିର କଟକ ସଦର କନ୍ଦରପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ପକ୍ଷରୁ ଏବଂ ସାମାଜିକ ସଂଗଠନ ଅରୁଣ ନନ୍ଦ ଫାଉଣ୍ଡେସନ କନ୍ଦରପୁର ପରିଚାଳନାରେ ଆୟୋଜିତ ହୋଇ ସ୍ଥାନୀୟ ଅଞ୍ଚଳରୁ ୧୬୦ ଅଧିକ ଲୋକ ଯୋଗଦାନ କରିଥିଲେ। ଅରୁଣ ନନ୍ଦ ଫାଉଣ୍ଡେସନ ସଭାପତି ସମାଜସେବୀ କରୁଣାକର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରରେ ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି, ଭାରତୀୟ ଯୋଗ ସଂସ୍ଥାନ ଅଧିକାରୀ ଅକ୍ଷୟ ସ୍ୱାଇଁ, ରଘୁନାଥ ରେଡି, ରାମେୟା ରେଡି, କେଭି ଆପ୍ପାରାଓ, କଟକ ଜିଲ୍ଲା ଉପ ପ୍ରଧାନ କେଦାରନାଥ ଜାଲି, କ୍ଷେତ୍ର ସଂଗଠନ ମନ୍ତ୍ରୀ ରଘୁନାଥ ପୃଷ୍ଟି, ସଂଗଠନ ମନ୍ତ୍ରୀ ଡ. ଶୈଳଜା ନନ୍ଦିନୀ ପଣ୍ଡା, କବିତା ପ୍ରଧାନ, ଭୁବନେଶ୍ୱର ହାଉସିଂ ବୋର୍ଡ ଯୋଗ କେନ୍ଦ୍ର ପ୍ରମୁଖ ଡ. ସନ୍ତୋଷ ମିଶ୍ର, କ୍ଷେତ୍ର ମନ୍ତ୍ରୀ ସନ୍ତୋଷ ସାହୁ, ସଙ୍ଗୀତା ପ୍ରଧାନ, କେନ୍ଦ୍ର ପ୍ରମୁଖ ମାଳତୀ ମହାନ୍ତି, ପ୍ରମୁଖ ମିନତୀ ପରିଡ଼ା, କେନ୍ଦ୍ର ଉପ ପ୍ରମୁଖ ବନିତା ମଲ୍ଲିକ, କେନ୍ଦ୍ର ଶିକ୍ଷିକା ରୁକ୍ମଣୀ ବେଉରା, ତୁଳସୀ ସାହୁ, ଗୀତାଞ୍ଜଳି ପାଲଟା ସିଂ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ।

## ମହାଯଜ୍ଞ ଓ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ସାଲେପୁର, ୧୬।୨(ସମିସ):** ଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ସମାଜସେବୀ ଦିଲ୍ଲୀପ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ୨ ତାରିଖଠାରୁ ହେବାକୁ ଥିବା ତ୍ରିଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଅନିବାର୍ଯ୍ୟ କାରଣ ବଶତଃ ବନ୍ଦ ହୋଇ ଆଗାମୀ ୨୨ ତାରିଖ ରବିବାରଠାରୁ ୨୫ ତାରିଖ ବୁଧବାର ପର୍ଯ୍ୟନ୍ତ ହେବା ପାଇଁ ସ୍ଥିର କରାଯାଇଛି। ଏହି ଅବସରରେ ୨୨ତାରିଖ ରବିବାର ପୂର୍ବାହ୍ଣ ୯ ଘଟିକା ସମୟରେ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାମାଳ ଶୋଭାଯାତ୍ରା ବିପ୍ରେଶ୍ୱର ମହାଦେବ ଖରାଖିଆଠାରୁ ଆରମ୍ଭ କରାଯିବ, ଦିବା ୧ଘଟିକା ସମୟରେ ପାଟପୁର ଶ୍ରୀ ଲକ୍ଷ୍ମୀନାରାୟଣ ଯଜ୍ଞସ୍ଥଳକୁ ବିଜେ କରିବେ। ୨୩ ତାରିଖ ସୋମବାର ସକାଳ ୭ ଘଟିକା ସମୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯଜ୍ଞର ଶୁଭାରମ୍ଭ ହେବ। ୨୫ ତାରିଖ ବୁଧବାର ଅପରାହ୍ଣରେ ରକ୍ତଦାନ ଶିବିର ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ସେହିଦିନ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଏଠାରେ ହେବାକୁ ଥିବା ରକ୍ତଦାନ ଶିବିରରେ ବହୁ ସଂଖ୍ୟାରେ ରକ୍ତଦାନ କରିବା ସହ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବରେ ଉପସ୍ଥିତ ହେବା ପାଇଁ ମନ୍ଦିର ପରିଚାଳନା ସମିତି ଓ ପାଟପୁର ଗ୍ରାମବାସୀ ନିବେଦନ କରିଛନ୍ତି। ବୈଠକରେ ସୁବାସଚନ୍ଦ୍ର ଦାଶ, ମଦନମୋହନ ଦାଶ, ହିମାଂଶୁ ଭୂଷଣ ଦାଶ, ଜୟନ୍ତ ଦାଶ, ଜଗମୋହନ ଦାଶ, ଶରତ ପ୍ରଧାନ, ହେମନ୍ତ ନନ୍ଦ, ଦୁର୍ଯ୍ୟୋଧନ ବେହେରା, ଦାଶରଥି ବେହେରା, ଗୋପବନ୍ଧୁ ମହାନ୍ତି, ଦୀପକ ରାଉତରାୟ, ଲକ୍ଷ୍ମଣ ଗୋଚ୍ଛାୟତ, ପବିତ୍ର ବେହେରା, ନରହରି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



## କପାଳେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଯାପିତ



**ଚୌଦ୍ୱାର, ୧୬।୨(ସମିସ):** ଚୌଦ୍ୱାରସ୍ଥିତ କପାଳେଶ୍ୱର ଯୁଥ କ୍ଲବ୍ ଆନୁକୂଲ୍ୟରେ କପାଳେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶ୍ରଦ୍ଧା ୱାରିଅର ଏବଂ ଏଚ୍ ଦି ବୁଲ ଟିମ୍ ମଧ୍ୟରେ କପାଳେଶ୍ୱର ପଡ଼ିଆରେ ଆୟୋଜିତ ସୀମିତ ଓଭର ଫାଇନାଲ ମ୍ୟାଚ୍‌ରେ ଏଚ୍‌ଦି ବୁଲ ଟିମ୍‌କୁ ଶ୍ରଦ୍ଧା ୱାରିଅର ହରାଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୌରଭଚନ୍ଦ୍ର ମହାପାତ୍ର, କ୍ରୀଡ଼ାବିତ ସୁନୀଲ ସ୍ୱାଇଁ, ବିପ୍ଳବ ସାମନ୍ତରାୟ, ଅଶୋକ ତୁଣ୍ଡି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ୪ ଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ମୋଟ ୬ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ସନ୍ଦୀପ ପଟ୍ଟନାୟକ, ରାଜୀବ ଦାସ, ଆଶିଷ ମହାନ୍ତି, ଡି. କିଶୋର ସୋନି, ଆଦିତ୍ୟ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ପରିବାରକୁ ଫେରିଲେ ନିଖୋଜ ମହିଳା

**ଟାଙ୍ଗୀ, ୧୬।୨(ସମିସ):** ଟାଙ୍ଗୀ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଭିମାନ ସେବା ସଂଘ ଉଦ୍ୟମରେ ତଥା ଟାଙ୍ଗୀ ପୁଲିସ ସହାୟତାରେ ଝାଡ଼ଖଣ୍ଡରୁ ନିଖୋଜ ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ସୋମବାର ହସ୍ତାନ୍ତର କରାଯାଇଛି। ମହିଳାଙ୍କ ନାମ ସୋନି କୁମାରୀ। ଝାଡ଼ଖଣ୍ଡ ଗୁମରା ଜିଲ୍ଲା ବାମଡ୍ରାରା ଥାନା କୋଲି ଗ୍ରାମର ସୋନି କୌଣସି କାରଣରୁ ନିଖୋଜ ହୋଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ କଣି ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର ପ୍ରଭାତ କୁମାର ଦାସ ଉକ୍ତ ମହିଳା ବୁଲୁଥିବା ଦେଖି ସନ୍ଦେହ ହେବାରୁ ସାମ୍ବାଦିକ ବଳରାମ ଲେଙ୍କାଙ୍କୁ ଜଣାଇଥିଲେ ପରେ ଶ୍ରୀ ଲେଙ୍କା ଘଟଣା ସଂକ୍ରାନ୍ତରେ ସ୍ୱାଭିମାନ ସେବା ସଂଘ ସଭାନେତ୍ରୀ ଅନୁରାଧା ନାୟକ ଓ ସମ୍ପାଦକ ଦୁଷ୍ମନ୍ତ କୁମାର ସାହୁଙ୍କୁ ଯୋଗାଯୋଗ କରିଥିଲେ। ପରିଚୟ ମିଳିଲା ପରେ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଥିଲା। ମହିଳାଙ୍କ ମା' ଓ ମାମୁଁ ପହଞ୍ଚିଲା ପରେ ଥାନା ଆଇଆଇସି ଡଃ. ବିକାଶ ସେଠୀଙ୍କ ମାଧ୍ୟମରେ ହସ୍ତାନ୍ତର କରାଯାଇଥିବାବେଳେ ମହିଳା ଜଣକ ମାନସିକ ବିକୃତ ଥିବା ସୂଚନା ମିଳିଛି। ଧରିତ୍ରୀ ସାହୁ, ସସ୍ମିତା ନାୟକ ଓ ବିକ୍ରମ ଦେହୁରୀ ପ୍ରମୁଖ ସଂଗଠନର କର୍ମକର୍ତ୍ତା ହସ୍ତାନ୍ତର ସମୟରେ ଉପସ୍ଥିତ ଥିଲେ।




## ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ପ୍ରଦାନ



**କନ୍ଦରପୁର, ୧୬।୨(ସମିସ):** କଟକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ 'ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ' ପକ୍ଷରୁ ଜଣେ ଭିନ୍ନକ୍ଷମ ଯୁବକଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଟ୍ରାଇସାଇକଲ ପ୍ରଦାନ କରି ପ୍ରଶଂସା ସାଉଣ୍ଟିଛନ୍ତି। କଟକ ସଦର ଦହି ଗାଁର ସୁମନ ଭୋଇ କିଛି ଦିନ ତଳେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଚଳପ୍ରଚଳର କ୍ଷମତା ହରାଇ ବସିଥିଲେ। ଏ ସମ୍ପର୍କରେ ଖବର ପାଇ ସଂଗଠନର ସଭାପତି ସମାଜସେବୀ ଶିକ୍ଷାବିତ ପ୍ରଫେସର ମନୋଜ ନାୟକ ସୁମନଙ୍କୁ ଏକ ଟ୍ରାଇ ସାଇକଲ ସହ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ସଂଗଠନର ବରିଷ୍ଠ ଉପଦେଷ୍ଟା ବିଜୟ ନାୟକ, ପ୍ରତିଷ୍ଠାତା ସଭ୍ୟ ସୁଦର୍ଶନ ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସହରର ପ୍ରମୁଖ ରାସ୍ତାରେ ଜବରଦଖଲ ଓ ବେଆଇନ ପାର୍କିଂ

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ସ୍ଥିତି ସୁଧୁରୁନି

**କଟକ, ୧୬।୨(ସମିସ):** ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରହିଥିଲେ ସୁଦ୍ଧା କଟକ ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ରାସ୍ତା ଗୁଡିକୁ ଜବରଦଖଲରୁ ମୁକ୍ତ କରାଯାଇପାରୁନି। ରାସ୍ତାରେ ବେଆଇନ ପାର୍କିଂ ସହ ଉଠା ଦୋକାନୀଙ୍କ ଦ୍ୱାରା ଜବରଦଖଲ ବିରୋଧରେ ପୁଲିସ ଆଖିଦୃଶିଆ ପଦକ୍ଷେପ ନେଇପାରିନି। ପୂର୍ବରୁ ହାଇକୋର୍ଟ ଏ ସଂକ୍ରାନ୍ତରେ ପ୍ରଦାନ କରିଥିବା ନିର୍ଦ୍ଦେଶ ଗୁଡିକୁ ଖୋଲା ଉଲ୍ଲଙ୍ଘନ କରାଯାଉଥିବା ଦେଖିବାକୁ ମିଳିଛି। ଯଦି ଉଚ୍ଛେଦ ହୋଇଥିବା ଡ୍ରେନ ଓ ଫୁଟପାଥ ଉପରେ ପୁଣି ଜବରଦଖଲ ହୁଏ ତେବେ ସମ୍ପୃକ୍ତ ଥାନାଧିକାରୀଙ୍କୁ ଉତ୍ତରଦାୟୀ କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁପାଳନ ପାଇଁ ପୁଲିସ ପ୍ରଶାସନ କିଛି ଦିନ ତତ୍ପରତା ପ୍ରକାଶ କରିଥିବା ବେଳେ ଏବେ ସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇଛି। କେତେକ ପ୍ରମୁଖ ରାସ୍ତାକୁ ଦୃଷ୍ଟାନ୍ତ ଭାବେ ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜବରଦଖଲ ହଟାଇବା ପାଇଁ ପୁଲିସ ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାଦାମବାଡି-ମଧୁପାଟଣା ମୁଖ୍ୟ ରାସ୍ତା ପାର୍ଶ୍ୱ ଡ୍ରେନକୁ ଅବରୋଧମୁକ୍ତ କରାଯାଇଥିଲା ହେଲେ କିଛି ଦିନ ପରେ ପୁଣି ଫୁଟପାଥ ଓ ଡ୍ରେନ ଉପର ପୁନର୍ବାର ବେଆଇନ ପାର୍କିଂ ଓ ଉଠା ଦୋକାନୀ ମାନଙ୍କର ପାଇଁ ଜବରଦଖଲରେ ରହିଛି। ଜବରଦଖଲ ଉଚ୍ଛେଦ ପରେ ଯେପରି ପୁଣି ଜବରଦଖଲ ନ ହୁଏ ସେଥିପାଇଁ ସମସ୍ତ ଥାନା ଆଇଆଇସିଙ୍କୁ କଟକ ଡିସିପିଙ୍କ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। କିନ୍ତୁ ଏହା ଆଉ ସଠିକ ଭାବରେ ତଦାରଖ ହେଉନି। ବାଦାମବାଡି-ମଧୁପାଟଣା ରାସ୍ତାର ଦୁଇ ପାର୍ଶ୍ୱରେ ରହିଥିବା ଡ୍ରେନ ଉପରେ ପୁଣି ବେପାରୀମାନେ ଜବରଦଖଲ କରି ପସରା ଖୋଲିଲେଣି। ଏପରିକି ନୂଆ କରି ନିର୍ମିତ ଫୁଟପାଥ ଜବରଦଖଲରେ ରହିଛି। ଫୁଟପାଥ ଉପରେ ଗ୍ୟାରେଜ ଗୁଡିକ ଥିବାରୁ ରାସ୍ତା କଡରେ ଶହ ଶହ ଚାରିଚକିଆ, ତିନି ଚକିଆ ଓ ଦୁଇ ଚକିଆ ଗାଡି ମରାମତି ପାଇଁ ଦୀର୍ଘ ଦିନ ଧରି ପାର୍କିଂ କରାଯାଉଛି।

## ଚାଲିଛି ଶତାଧିକ ବେଆଇନ ଫର୍ଣ୍ଣିଚର ତିଆରି କାରଖାନା

**କଟକ, ୧୬।୨(ସମିସ)**

କଟକ ଜିଲ୍ଲାର ସମସ୍ତ ୧୪ଟି ଯାକ ବ୍ଲକ ଅଞ୍ଚଳରେ ମାଳମାଳ ବେଆଇନ ଫର୍ଣ୍ଣିଚର ତିଆରି କାରଖାନା ଚାଲୁଛି। ବିଭିନ୍ନ ସ୍ଥାନରେ ଫର୍ଣ୍ଣିଚର ତିଆରି କରୁଥିବା କେତେକ ବ୍ୟବସାୟୀ ଟିକସ ଫାଙ୍କି ଆସୁଥିବା ବେଳେ ଚୋରା କାଠ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏଥିପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଠ ମାଫିଆ ମାନେ ସକ୍ରିୟ ହୋଇପଡ଼ିଛନ୍ତି। କେବଳ କରତକଳ ଉପରେ ବନ ବିଭାଗ ଚଢଉ କରି ଚୁପ ବସୁଥିବା ଅଭିଯୋଗ ହେଉଛି। କରତକଳ ପାଇଁ ଲାଇସେନ୍ସର ଆବଶ୍ୟକ ଥିବା ବେଳେ ବିନା ଲାଇସେନ୍ସରେ କରତକଳ ଚାଲିଆସୁଥିବା ଜଣାପଡ଼ିଛି। ଏହି କରତକଳରେ କାଠ ଚିରା ଯାଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ଫର୍ଣ୍ଣିଚର ୟୁନିଟ ପାଇଁ ମଧ୍ୟ ଲାଇସେନ୍ସର ଆବଶ୍ୟକ ଥିବା ବେଳେ ଏବେ ଛତୁଫୁଟିଲା ଭଳି ଏହି ୟୁନିଟ ଗଢିଉଠିଛି। ସୂଚନାନୁସାରେ ଗତ ୬ମାସ ମଧ୍ୟରେ ଭିଜିଲାନ୍ସ ଫରେଷ୍ଟ ଡିଭିଜନ ପକ୍ଷରୁ ଚଢଉ କରାଯାଇ ପ୍ରାୟ ଦୁଇ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଯନ୍ତ୍ରାଂଶ ଓ କାଠ ଜବତ ହୋଇଥିବା ଜଣାପଡ଼ିଛି। ସେହିଭଳି ୬ମାସ ମଧ୍ୟରେ ଭିଜିଲାନ୍ସ ପକ୍ଷରୁ ପ୍ରାୟ୨୫ଟି ମାମଲା ମଧ୍ୟ ରୁଜୁ ହୋଇଛି। ବିଗତ ୬ମାସ ମଧ୍ୟରେ ଜିଲ୍ଲାର ଅସୁରେଶ୍ୱର, ଆମଣ, ସାସୋଳ, ବୟାଳିଶମୌଜା, ନିଆଳି, ନିଶ୍ଚିନ୍ତକୋଇଲି, କଟିକଟା, କିଶନନଗର, ସାଲେପୁର ଆଦି ଅଞ୍ଚଳରୁ ପ୍ରାୟ ୫୦ଲକ୍ଷ ଟଙ୍କାର ମୂଲ୍ୟବାନ କାଠ ଜବତ ହେବା ସହ ୧୦ଟି ମାମଲା ରୁଜୁ ହୋଇଛି। ଓଡ଼ିଶା ସମିଲ୍ ଆକ୍ଟର ଧାରା୪କୁ ଉଲ୍ଲଙ୍ଘନ କରିଥିବା ନେଇ ଏହି ସବୁ ମାମଲା ଫୁଲନଖରା ଫରେଷ୍ଟ ରେଞ୍ଜରେ ରୁଜୁ ହୋଇଛି। ବୟାଳିଶମୌଜା କଦମପଡ଼ା ଅଞ୍ଚଳରୁ ୧୩ଲକ୍ଷ ଟଙ୍କାର କାଠ ଜବତ ହୋଇଥିଲା ବେଳେ ନିଶ୍ଚିନ୍ତକୋଇଲିରୁ ୧୩୧ଘଟଫୁଟ କାଠ ଜବତ ସହ ୩ଟି ମାମଲା ରୁଜୁ ହୋଇଥିଲା। ଅସୁରେଶ୍ୱର ଅଞ୍ଚଳରୁ ୧୭ଲକ୍ଷ ଟଙ୍କାର କାଠ ଓ କଟକ ସଦର ଆମଣ ଅଞ୍ଚଳରେ ଚଢଉ କରାଯାଇ ୮ଲକ୍ଷ ଟଙ୍କାର କାଠ ଜବତ ହୋଇଥିଲା। ଗ୍ରାମାଞ୍ଚଳରେ ନିଷିଦ୍ଧ ଗଛ କାଟିବାକୁ ମଧ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ନିଆଯାଉନଥିବା ବେଳେ ଏହାକୁ ଆଣି ବେଆଇନ ଚାଲୁଥିବା କରତକଳରେ ଚିରାଯାଉଛି। ପୁଣି ଚିରା ଯାଉଥିବା କାଠକୁ ବେଆଇନ ଭାବେ ଚାଲୁଥିବା ଫର୍ଣ୍ଣିଚର ୟୁନିଟକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି।

ଟିକସ ଫାଙ୍କି ସହ ବ୍ୟବହାର ହେଉଛି ଚୋରା କାଠ



# ନିୟମିତ ଯାଞ୍ଚ ହେଉନି ଅଗ୍ନି ନିରାପତ୍ତା ବ୍ୟବସ୍ଥା
# ଉଚ୍ଚ ଅଟ୍ଟାଳିକାକୁ ଅଗ୍ନିକାଣ୍ଡ ଭୟ

କଟକ,୧୬ ।୨(ସମିସ):

ଆଗକୁ ଆସୁଛି ଗ୍ରୀଷ୍ମ ଋତୁ। ଏହି ସମୟରେ ସାଧାରଣତଃ ଅଗ୍ନିକାଣ୍ଡର ଭୟ ଅଧିକ ରହିଥାଏ। ବିଶେଷକରି ଅଧିକ ଲୋଡ ପାଇଁ ବିଦ୍ୟୁତ ସଟସର୍କିଟରୁ ଅଧିକାଂଶ ଅଗ୍ନିକାଣ୍ଡ ଘଟିଥାଏ। ସହରରେ ମାଳମାଳ ଉଚ୍ଚ ଅଟ୍ଟାଳିକା ଗୁଡିକ ଥିଲା ବେଳେ ଏଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଚ୍ଚ ଅଟ୍ଟାଳିକା ଗୁଡିକରେ ଆବଶ୍ୟକ ବ୍ୟବସ୍ଥା ଅଛି କି ନାହିଁ ତାହାର ନିୟମିତ ଯାଞ୍ଚ ହେଉନଥିବା ବେଳେ କେବଳ ଛୋଟବଡ ଅଗ୍ନିକାଣ୍ଡ ଘଟିଲେ ଚେତା ପଶେ। ଉଚ୍ଚ ଅଟ୍ଟାଳିକାରେ ଗଢି ଉଠିଥିବା କୋଚିଂ ସେଣ୍ଟର, ସପିଙ୍ଗ ମଲ ତଥା ଅନ୍ୟ ପ୍ରତିଷ୍ଠାନଗୁଡିକରେ କିନ୍ତୁ ଅଗ୍ନି ନିରାପତ୍ତା ନାମକୁ ମାତ୍ର ପାଳନ ହେଉଥିବା ଅଭିଯୋଗ ହେଉଛି।

ଅଗ୍ନିଶମ ବିଭାଗର ନିୟମ ଅନୁସାରେ ରହିଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମସ୍ତ ସପିଙ୍ଗ ମଲ୍ , ବଡ ବଡ ରେଷ୍ଟୁରାଣ୍ଟ, ସିନେମା ହଲ, ହସପିଟାଲ ଓ କୋଚିଂ ସେଣ୍ଟର ଆଦି ପାଳନ କରିବା ବାଧ୍ୟତାମୂଳକ ରହିଛି। ସପିଙ୍ଗ ମଲ୍ ଗୁଡିକରେ ସବୁ ସମୟରେ ଅସମ୍ଭବ ଭିଡ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଅଗ୍ନି ନିରାପତ୍ତା ଅପରିହାର୍ଯ୍ୟ ହୋଇପଡିଛି। ମଲ୍‌ରେ ଅଗ୍ନିକାଣ୍ଡ ହେଲେ ଅନେକ ଧନଜୀବନ ହାନିର ଆଶଙ୍କା ରହିଛି। ନିୟମାନୁସାରେ ଉଚ୍ଚ ଅଟ୍ଟାଳିକାରେ ଗୁଡିକରେ ଗଢି ଉଠୁଥିବା ଏହି ପ୍ରତିଷ୍ଠାନରେ ଅଗ୍ନିନିର୍ବାପକ ଯନ୍ତ୍ର ଆବଶ୍ୟକତା ଅନୁସାରେ ରହିବା କଥା। କିନ୍ତୁ ଅଧିକାଂଶ ମଲ୍‌ଗୁଡିକରେ ଏହା ନାହିଁ। ଅଗ୍ନିନିର୍ବାପକ ଯନ୍ତ୍ର ରହିଥିଲେ ବି ଏଗୁଡିକ କାର୍ଯ୍ୟ କରୁଛି କି ନାହିଁ ତାହା ସନ୍ଦେହ ଭିତରେ ରହିଛି। ସେହିପରି ସମ୍ପୃକ୍ତ ସଂସ୍ଥାର କର୍ମଚାରୀ ଏହି ଯନ୍ତ୍ର ପରିଚାଳନା ପାଇଁ ତାଲିମପ୍ରାପ୍ତ ହୋଇଥିବା ଆବଶ୍ୟକ। କେତେକ ସ୍ଥାନରେ ଅଗ୍ନିନିର୍ବାପକ ଯନ୍ତ୍ର ରହିଥିଲେ ବି ଏଗୁଡିକର ହୋସ୍ ପାଇପ କାର୍ଯ୍ୟ କରୁନଥିବାର ଜଣାପଡିଛି। ଉଚ୍ଚ ଅଟ୍ଟାଳିକାରେ ଜରୁରୀକାଳୀନ ପ୍ରସ୍ଥାନ ଦ୍ୱାର ରହିବା ବାଧ୍ୟତାମୂଳକ। କିନ୍ତୁ କେଉଁଠି ଏହା ଆଦୌ ନାହିଁ ତ କେଉଁଠି ଏଗୁଡିକ ବନ୍ଦ ଅବସ୍ଥାରେ ରହିଛି। ଫଳରେ ଅଗ୍ନିକାଣ୍ଡ ଘଟିଲେ ସେଥିରୁ ବାହାରିବା ମୁସ୍କିଲ ହୋଇପଡିବା ସାର ହୋଇଛି। ଯେଉଁ ସ୍ଥାନରେ ସପିଙ୍ଗ ମଲ୍ ଗୁଡିକ ରହଥିବ ତାହାର ସମ୍ମୁଖ ଭାଗ ଉନ୍ମୁକ୍ତ ରହିଥିବ। ହେଲେ ଏହା ପାର୍କିଂ ପାଇଁ ବ୍ୟବହାର ହେଉଥିବାରୁ ହଠାତ ଦମକଳ ମଧ୍ୟ ପହଞ୍ଚିବାରେ ସମସ୍ୟା ଉପୁଜୁଛି।

କଟକରେ ୨୦୧୮ ଫେବୃଆରୀ ୪ରେ ଏକ ମଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଏବେ ବି ମନରୁ ଲିଭି ନ ଥିବା ବେଳେ ଅଗ୍ନିଶମ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ଏହା ପରେ ଅଗ୍ନିଶମ ବିଭାଗ ପକ୍ଷରୁ କିଛିଟା ଯାଞ୍ଚ କରାଯାଇଥିଲେ ମଧ୍ୟ ଏହା ନାମକୁ ମାତ୍ର ହୋଇ ରହିଯାଇଛି। ଏବେ କିନ୍ତୁ ସ୍ଥିତି ପୁଣି ଯଥା ପୂର୍ବଂ ତଥା ପରଂ। ଅତୀତରେ କେତେକ ମଲଗୁଡିକୁ ଅଗ୍ନିଶମ ବିଭାଗ ପକ୍ଷରୁ ନୋଟିସ ମଧ୍ୟ ଜାରି ହୋଇଥିଲା। ଇତିମଧ୍ୟରେ ୮ ବର୍ଷ ଅତିବାହିତ ହୋଇଯାଇଥିବା ବେଳେ ଅଗ୍ନିଶମ ବିଭାଗ ଆଖିଦୃଶିଆ ପଦକ୍ଷେପ ନେଇପାରି ନାହିଁ। ସହରରେ ଅଧିକାଂଶ ଉଚ୍ଚ ଅଟ୍ଟାଳିକାରେ ଚାଲୁଥିବା ପ୍ରତିଷ୍ଠାନ ଗୁଡିକ ଅଗ୍ନି ନିରାପତ୍ତା ନିୟମ ପାଳନ କରୁ ନ ଥିବା ବେଳେ ଅନେକ ସଂସ୍ଥା ବି ଅଗ୍ନିଶମ ବିଭାଗ ଠାରୁ ଏନଓସି ପାଇନାହାଁନ୍ତି। ଅଗ୍ନିଶମ ଅଧିକାରୀଙ୍କ କହିବାନୁସାରେ ସପିଙ୍ଗ ମଲ୍ ସମେତ ପେଟ୍ରୋଲ ପମ୍ପ, ଗ୍ୟାସ ଡିପୋ, ଅନ୍ୟାନ୍ୟ ବ୍ୟବସାୟିକ ଉଚ୍ଚ ଅଟ୍ଟାଳିକା ଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ପାଇଁ ଖୁବଶୀଘ୍ର ଅଭିଯାନ ଆରମ୍ଭ ହେବ।

## ଲିଙ୍କରୋଡ୍ ଫ୍ୟାମିଲି ରେଷ୍ଟୁରାଣ୍ଟରେ ନିଆଁ







କଟକ,୧୬ ।୨(ସମିସ):

ମଧୁପାଟଣା ଥାନା ସମ୍ମୁଖସ୍ଥ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରେଷ୍ଟୁରାଣ୍ଟକୁ ଲାଗି ବିଭିନ୍ନ ଦୋକାନ ଓ ସୋ'ରୁମ୍ ରହିଥିବା ବେଳେ ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯାଇଥିବାରୁ




ଏକ ବଡ଼ଧରଣର ଅଘଟଣ ଟଳିଯାଇଥିଲା।

ଲିଙ୍କରୋଡ୍ ଠାରେ ସ୍ପାଇସ୍ ଫ୍ଲେମ୍-ମଣ୍ଡି ପାରାଡାଇଜ୍ ନାମରେ ଏକ ଫ୍ୟାମିଲି ରେଷ୍ଟୁରାଣ୍ଟ ରହିଛି। ଆଜି ସନ୍ଧ୍ୟା ୫ଟାରେ ରେଷ୍ଟୁରାଣ୍ଟର ରୋଷେଇ ଘରେ ଥିବା ଡି-ଫ୍ରିଜ୍ କମ୍ପ୍ରେସର୍ ହଠାତ ଫାଟିଯିବାରୁ ନିଆଁ ରେଷ୍ଟୁରାଣ୍ଟକୁ ବ୍ୟାପି ଯାଇଥିଲା। ଏହା ପରେ କର୍ମଚାରୀମାନେ ଅଗ୍ନିଶମ କାର୍ଯ୍ୟାଳୟକୁ ସୂଚନା ଦେବା ପରେ ତୁରନ୍ତ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ହେଲେ ରାଜେନ୍ଦ୍ର

କଟକ,୧୬ ।୨(ସମିସ): ବିଜୁ ଜନତା ଦଳ (ବିଜେଡି)ର ସାଂଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା ପାଇଁ ଦଳ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପ୍ରକାଶ ପାଇଛି। ରାଜେନ୍ଦ୍ର ବଲ୍ଲଭ ବେହେରାଙ୍କୁ କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଦଳର ଶୀର୍ଷ ନେତୃତ୍ୱଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ଶ୍ରୀ ବେହେରା କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ ଏବଂ ନିଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ା. ପ୍ରମୋଦ କୁମାର ମଲ୍ଲିକଙ୍କୁ ତାଙ୍କର ମାର୍ଗଦର୍ଶନ, ଆଶୀର୍ବାଦ ଓ ସହଯୋଗ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେମାନଙ୍କର ନିରନ୍ତର ପ୍ରେରଣା ଓ ଦିଗ୍‌ଦର୍ଶନ ଯୋଗୁଁ ସେ ଆଗାମୀ ଦିନରେ ଦଳୀୟ କାର୍ଯ୍ୟରେ ଆହୁରି ସକ୍ରିୟ ଭାବେ ନିଜକୁ ନିୟୋଜିତ କରିପାରିବେ ବୋଲି ପ୍ରକାଶ କରିଛନ୍ତି। ନିଜ ପ୍ରତିକ୍ରିୟାରେ ଶ୍ରୀ ବେହେରା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ଦୂରଦର୍ଶୀ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଛନ୍ତି। ନବୀନ ବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କଟକ ଜିଲ୍ଲାରେ ସଂଗଠନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସେ କହିଛନ୍ତି। ଏଥିସହିତ ଜିଲ୍ଲାର ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଏକଜୁଟ କରି ଦଳର ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ସେ ଦୃଢ଼ ସଂକଳ୍ପବଦ୍ଧ ବୋଲି ମତବ୍ୟକ୍ତ କରିଛନ୍ତି।



● ଜୋର ଧରିଲା ଶୈଳବାଳା ଛାତ୍ରୀଙ୍କ ଆନ୍ଦୋଳନ

## ମହମବତି ଶୋଭାଯାତ୍ରା ମାଧ୍ୟମରେ ଉଠିଲା ବିଶ୍ୱବିଦ୍ୟାଳୟ ଦାବି






କଟକ,୧୬।୨(ସମିସ): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗକୁ ନେଇ ଦାବି ଜୋର ଧରିବାରେ ଲାଗିଛି। ଛାତ୍ରୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ସୋମବାର ଏହି ଆନ୍ଦୋଳନକୁ ସମର୍ଥନ କରି ବହୁ ପୁରାତନ ଛାତ୍ରୀ, ପ୍ରାକ୍ତନ ଅଧ୍ୟକ୍ଷା, ଶିକ୍ଷାବିତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୈଳବାଳା ପୁରାତନ ଛାତ୍ରୀ ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା ମହମବତି ଶୋଭାଯାତ୍ରା। ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ରୋସନାରା ବେଗମ ଓ ପ୍ରଫେସର ଗାୟତ୍ରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶୈଳବାଳା ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ, ସାଧାରଣ ସମ୍ପାଦିକା ପୁଷ୍ପା ସାମଲ, ଉପସଭାନେତ୍ରୀ ପ୍ରଫେସର ରୋସନାରା ବେଗମ୍, ଡ. ମଞ୍ଜୁଶ୍ରୀ ପଟ୍ଟନାୟକ, ଡ. ଶାନ୍ତି ନାୟକ, କୋଷାଧକ୍ଷ ପ୍ରଫେସର ତପତି ଦାସ, ସାଂଗଠନିକ ସମ୍ପାଦିକା ପ୍ରଫେସର ଇନ୍ଦୁରେଖା ମହାପାତ୍ର, ସୌଦାମିନୀ ଜେନା, କୁମକୁମ ଘୋଷ, ନନ୍ଦିତା ଦାସ, ପ୍ରଫେସର ରିତା ଦାସଙ୍କ ସମେତ ଶତାଧିକ ଛାତ୍ରୀ ସାମିଲ ହୋଇଥିଲେ। ଏତଦ୍ ବ୍ୟତୀତ ସିଏମସି ମେୟର ସୁବାସ ସିଂହଙ୍କ ସମେତ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ମଧ୍ୟ ଯୋଗଦେଇଥିଲେ। ଶହ ଶହ ସଂଖ୍ୟାରେ ଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇ ସରକାରଙ୍କ ବିରୋଧରେ ନାରା ଦେଇଥିଲେ। କଲେଜ ପରିସରରୁ ଏହି ମହମବତି ଶୋଭାଯାତ୍ରା ବାହାରି ସ୍ଥାନୀୟ ଚଣ୍ଡୀ ମନ୍ଦିର ଦେଇ ପୁଣି କଲେଜକୁ ଫେରିଥିଲା। ଦୀର୍ଘ ୨୩ ଦିନ ଧରି ବିଶ୍ୱବିଦ୍ୟାଳୟ ଦାବିରେ ଧାରଣା ଚାଲୁ ରହିଥିବାବେଳେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଦାବି ହୋଇଛି। କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଶିକ୍ଷାବିତ୍ ଡ. ସତ୍ୟକାମ ମିଶ୍ର, ଡ. ନଟବର ଶତପଥୀ, ପ୍ରଫେସର ଚିନ୍ମୟ ଜେନା, ଐତିହାସିକ ଡ. ଖାରବେଳ ମହାନ୍ତି, ଡା. ରବିରଞ୍ଜନ ସାହୁ, ଗ୍ରେଟର କଟକ ମୁଭମେଣ୍ଟର ଆବାହକ ମନୋଜ ପତି, ସୁଭାଷ ସଂଗଠନର ସମ୍ପାଦକ ସୁରେଶ ମହାନ୍ତି, ବିଜୟ ଘୋଷ, ମଧୁସ୍ମୃତି ସୁରକ୍ଷା ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣା, ଦେବୀରଞ୍ଜନ ସେଠୀ, ପ୍ରଦେଶ କୁମାରୀ ମହାରଣା, ସୁଚିତ୍ରା ସେଠୀ, ବିଜୟିନୀ ମିଶ୍ର, ଅକ୍ଷୟ ଆଚାର୍ଯ୍ୟ, ଜ୍ଞାନ ନନ୍ଦ ପ୍ରମୁଖ ଏଥିରେ ସାମିଲ ଥିଲେ।




ଆନ୍ଦୋଳନରେ ସାମିଲ ହେଲେ ପୁରାତନ ଛାତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି

## ଅପରେସନ 'ସାଇବର କବଚ'
## ୩୦୪ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ; ୨୦ ଅଭିଯୁକ୍ତ ଗିରଫ

କଟକ,୧୬ ।୨(ସମିସ): ଓଡ଼ିଶା ପୁଲିସର ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଜାରି ରହିଛି। ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଠକେଇ ପାଇଁ ବ୍ୟବହାର ହେଉଥିବା 'ବେନାମୀ ବ୍ୟାଙ୍କ ଆକାଉଣ୍ଟ' ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମଗ୍ର ରାଜ୍ୟରେ ମୋଟ ୩୦୪ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ପୁଲିସ ୧୭ଟି ନୂତନ ସାଇବର ମାମଲା ରୁଜୁ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ୨୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ବ୍ୟତୀତ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସାଇବର ଅପରାଧରେ ସହାୟତା କରୁଥିବା ୪ଜଣ ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୁଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ ସହ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲ୍ଲା ପୁଲିସ ୬୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ ସହ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ବୌଦ୍ଧ ଜିଲ୍ଲା ପୁଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ନୂତନ ମାମଲା ରୁଜୁ ସହ ୪ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ପୁରୀ ଜିଲ୍ଲା ପୁଲିସ ୭ଟି ଓ ନବରଙ୍ଗପୁର ଜିଲ୍ଲା ପୁଲିସ ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି।

● 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ

## ଜଷ୍ଟିସ ପ୍ରଦୀପ ମହାନ୍ତିଙ୍କୁ ଭେଟିଲେ ମେୟର



କଟକ,୧୬।୨(ସମିସ): ଆପଣ କେମିତି ଅଛନ୍ତି? କାର୍ଯ୍ୟକ୍ରମରେ ଆଜି ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ପ୍ରଦୀପ କୁମାର ମହାନ୍ତିଙ୍କୁ ତାଙ୍କ ସାହେବଜାଦା ବଜାରସ୍ଥିତ ବାସଭବନରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତକାର ସମୟରେ ମେୟର ଶ୍ରୀ ସିଂହ ଜଷ୍ଟିସ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଓ ପରିବାରର କୁଶଳ ଜିଜ୍ଞାସା କରିଥିଲେ। ୧୯୫୫ ମସିହାରେ କଟକରେ ଜନ୍ମିତ ଜଷ୍ଟିସ ମହାନ୍ତିଙ୍କର ଏକ ଗୌରବମୟ ନ୍ୟାୟିକ କ୍ୟାରିୟର ରହିଛି। ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି, ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏବଂ ପରବର୍ତ୍ତୀ ସମୟରେ ଲୋକପାଳ କମିଟିର ଅଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହିତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କର୍ପୋରେଟର ଆରତୀ ସାହୁ, ଜଗନ୍ନାଥ ସ୍ୱାଇଁ, ମନୋଜ ସାହୁ ଏବଂ ଜଷ୍ଟିସ ମହାନ୍ତିଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଜଷ୍ଟିସ ମହାନ୍ତିଙ୍କ ପିତା ସ୍ୱର୍ଗତ ଜଷ୍ଟିସ ଯୁଗଳ କିଶୋର ମହାନ୍ତି ମଧ୍ୟ ସିକ୍କିମ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଜଣେ ଜ୍ଞାନୀ ଓ ଅଭିଜ୍ଞ ବ୍ୟକ୍ତିତ୍ୱଙ୍କୁ ଭେଟି ତାଙ୍କ ସହ କିଛି ସମୟ ଅତିବାହିତ କରି ମେୟର ବେଶ୍ ଖୁସି ପ୍ରକାଶ କରିଛନ୍ତି।

# ସତୀଚଉରାରେ ଗୀତାଙ୍କ ଶେଷକୃତ୍ୟ





କଟକ,୧୬ ।୨(ସମିସ):

ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଆକାଶବାଣୀ ଓ ଦୂରଦର୍ଶନର ଟପ୍-ଗ୍ରେଡ୍ ଗାୟିକା ଗୀତା ପଟ୍ଟନାୟକଙ୍କ ଗତକାଲି ବିୟୋଗ ଘଟିଥିବା ବେଳେ ଆଜି ଦିନ ୧ଟା।୧୦ରେ ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୀତାଙ୍କ ଭାଇ ସାରଦା ପ୍ରସନ୍ନ ପାତ୍ର ମୁଖାଗ୍ନି ଦେଇଥିଲେ। ଶବାଧାରରେ ସ୍ୱାମୀ ଇଂ କ୍ରିଷ୍ଣଗୋପାଳ ବାତ୍ରା, ପୁତୁରା ପରାଗ ପଟ୍ଟନାୟକଙ୍କ ସମେତ ବନ୍ଧୁ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ସିଡିଏସ୍ଥିତ ଘରୋଇ ହସ୍ପିଟାଲ୍‌ରୁ ସକାଳ ୮ଟାରେ ଗୀତାଙ୍କ ମରଶରୀର ମହାନ୍ତିପଡ଼ାସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଓଡ଼ିଆ ସଂଗୀତ ଓ ସାହିତ୍ୟଜଗତର ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।

### ଦିଆଗଲାନି 'ଗାର୍ଡ ଅଫ୍ ଅନର': ଜିଲ୍ଲା ପ୍ରଶାସନକୁ ବିଭିନ୍ନ ମହଲରେ ନିନ୍ଦା

ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଅବର୍ତ୍ତମାନରେ ତାଙ୍କୁ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ଅସମ୍ମାନ ପ୍ରଦର୍ଶନ କରିଛନ୍ତି। ଗୀତାଙ୍କ ପରିବାର ଲୋକେ ସକାଳ ସାଢ଼େ ଏଗାରଟା ବେଳେ ଗୀତାଙ୍କ ଅନ୍ତିମ ସତ୍କାର କରିବା ପାଇଁ ପ୍ରସ୍ତୁତ ହେଉଥିଲେ। ଖବର ଆସିଲା ଯେ, ସରକାର ଗାର୍ଡ ଅଫ୍ ଅନର୍ ବ୍ୟବସ୍ଥା କରୁଛନ୍ତି। ଘରେ ମୃତ ଦେହ ରଖି ପରିବାର ଲୋକେ ଅପେକ୍ଷା କରି ରହିଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଆସି ଶେଷ ଦର୍ଶନ କରିବା ସହିତ ଏ ସଂପର୍କରେ ପରିବାର ସହ ଆଲୋଚନା କରିଥିଲେ। କିନ୍ତୁ ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସ କିଛି ସ୍ପଷ୍ଟ କରି ନଥିଲେ। ପରିବାର ଲୋକେ ସତୀ ଚଉରାରେ ମୃତ ଦେହ ସତ୍କାର କରିଥିଲେ। ତେବେ ପରବର୍ତ୍ତି ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର୍ ବାବଦରେ ରାଜ୍ୟ ସରକାର କହିପାରିବେ ବୋଲି ସୂଚନା ଦିଆଯାଇଥିଲା। ସରକାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏ ଘଟଣାକୁ ନେଇ ରାଜ୍ୟର ସଂଗୀତପ୍ରେମୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଶେଷକୃତ ସମୟରେ ମେୟର ସୁବାସ ସିଂହ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ବରିଷ୍ଠ କ୍ୟାମେରାମ୍ୟାନ୍ ଅଶୋକ ମହାନ୍ତି ଓ କଣ୍ଠଶିଳ୍ପୀ ଶୁଭାଶିଷ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର



କଟକ,୧୬।୨(ସମିସ): କଟକ ସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ. ବନ୍ଦିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ପରିସର ମଧ୍ୟରେ +୩ ୧ମ ବର୍ଷ କଳା ଓ ବାଣିଜ୍ୟ ବିଭାଗର ୩୦୩ ପିଲାଙ୍କୁ ନେଇ ୮ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରର ଉଦଯାପନୀ ଦିବସରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଜୁଲି ମିଶ୍ର ନିଜର ବକ୍ତବ୍ୟରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ କୌଶଳକୁ କିପରି ନିଜର ବ୍ୟବହାରିକ ଜୀବନରେ କାର୍ଯ୍ୟକାରୀ କରାଯିବ ସେଥି ନିମନ୍ତେ ପ୍ରେରଣା ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ରୀନାରାଣୀ ସାହୁ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ଆତ୍ମରକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ଜଣାଇଥିଲେ। ଡ. ରାଜଶ୍ରୀ ନାୟକ ସଭା ପରିଚାଳନା କରିଥିଲେ ଏବଂ ପ୍ରାଣୀବିଜ୍ଞାନର ଅଧ୍ୟାପିକା ଅରୁଣିମା ନନ୍ଦ ଧନ୍ୟବାଦ ଦେଇଥିଲେ।

ସକାଳ THE SAKALA



www.sakalaepaper.com

# ବାସି ଭୋଜି ଖାଇ ଛାତ୍ରୀ ଅସୁସ୍ଥ

## ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ନାମରେ ଥାନାରେ ଅଭିଯୋଗ

ତିଗିରିଆ,୧୬।୨(ସମିସ): ତିଗିରିଆ ଥାନା ଅଧୀନ ଶେଷଗାଁ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବାସି ଭୋଜି ଖାଇ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀର ସ୍ୱାସ୍ଥ୍ୟ ଖରାପ ହୋଇଥିବାର ଅଭିଯୋଗ ହୋଇଛି। ଘଟଣାକୁ ନେଇ ସମ୍ପୃକ୍ତ ଛାତ୍ରୀଙ୍କ ପିତା ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଛାତ୍ରୀଙ୍କ ପିତା ନରେନ୍ଦ୍ର ନାୟକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଝିଅ ସବୁଦିନ ଭଳି ଆଜି ମଧ୍ୟ ବିଦ୍ୟାଳୟକୁ ଯାଇଥିଲା। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ରୋଷେୟାଙ୍କ ଘରେ ଗତକାଲି କୌଣସି କାରଣରୁ ଭୋଜି ହୋଇଥିଲା। ଭୋଜିରେ ବଳକା ଖାଦ୍ୟ ରୋଷେୟା ଜଣକ ଆଜି ବିଦ୍ୟାଳୟକୁ ନେଇ ଆସିଥିଲେ। ଏହି ଭୋଜି ଖାଦ୍ୟ ବିଦ୍ୟାଳୟର ଦୁଇ ଶିକ୍ଷକ ଗିରିଶ ପ୍ରସାଦ ମହାପାତ୍ର ଓ କବିତା ପଲେଇଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ବାଧ୍ୟତାମୂଳକ ଭାବେ ମାଡ଼ର ଭୟ ଦେଖାଇ ଖାଇବାକୁ ଦିଆଯାଇଥିଲା। ଭୋଜି ଖାଇବା ପରେ ଅଭିଯୋଗକାରୀ ନରେନ୍ଦ୍ରଙ୍କ ଝିଅର ଦେହ ଖରାପ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଘରେ ଆସି ପହଞ୍ଚିବା ପରେ ଛାତ୍ରୀଙ୍କ ପେଟ କାଟିବା, ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିବା ନରେନ୍ଦ୍ର ଅଭିଯୋଗ କରିଛନ୍ତି। ଫଳରେ ନରେନ୍ଦ୍ର ଝିଅକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ନରେନ୍ଦ୍ର ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କୁ ଅବଗତ କରାଇବା ସହ ବିଦ୍ୟାଳୟର ଉଭୟ ଶିକ୍ଷକଙ୍କୁ ଅବଗତ କରାଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନରେନ୍ଦ୍ର ଦାବି କରିଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

ତିଗିରିଆ,୧୬।୨(ସମିସ): ତିଗିରିଆ ଥାନା ଅଧୀନ ପାଞ୍ଚଗାଁ-ସୋମପଡା ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ରବିବାର ବିଳମ୍ବିତ ରାତିରେ ହୋଇଥିବା ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ରବିବାର ରାତିରେ ଆଠଗଡ ବ୍ଲକ ବଡଭୂଇଁ ଗ୍ରାମର ଦୁଇଜଣ ଯୁବକ ଗୋଟିଏ ସ୍କୁଟି ନେଇ କୌଣସି କାର୍ଯ୍ୟରେ ତିଗିରିଆ ଆସୁଥିବା ବେଳେ ସ୍କୁଟିରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଶଙ୍ଖରେ ଧକ୍କା ହୋଇଥିଲେ। ଫଳରେ ଉଭୟ ଯୁବକ ଗୁରୁତର ଅବସ୍ଥାରେ ରାସ୍ତା କଡରେ ଖସି ପଡ଼ିଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କର ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଥିଲା। କଟକ ଯିବା ରାସ୍ତାରେ ଗୁରୁତର ଆହତ ରସାନନ୍ଦ ଦାସ ନାମକ ଯୁବକଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

## ବ୍ଲକ୍ ପ୍ରଶାସନର ବେପରୁଆ ମନୋଭାବ

# ୬୦ ବର୍ଷର ଛାତ ଉପରେ ଚାଲିଛି ଗୃହ ନିର୍ମାଣ



ନିଶ୍ଚିନ୍ତକୋଇଲି,୧୬।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟ ପାଇଁ ଭବିଷ୍ୟତରେ ବହୁ ଛାତ୍ରଛାତ୍ରୀଙ୍କ ଜୀବନ ବିପଦକୁ ଠେଲି ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ୬୦ ବର୍ଷର ପୁରୁଣା କୋଠାଘର ଛାତ ଉପରେ ବେପରୁଆ ଭାବେ ଦୁଇ ମହଲା ଘର ନିର୍ମାଣ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତରବରିଆ ଭାବେ ଏକ ବିପଦସଂକୁଳ ଘର ଉପରେ କ'ଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନୂଆ ଘର ନିର୍ମାଣ କରାଯାଉଛି ସେନେଇ ତଦନ୍ତ କରିବା ପାଇଁ ଦାବି ହୋଇଛି। ଉକ୍ତ ଦୁଇ ମହଲା ଶ୍ରେଣୀ ଗୃହ ନିର୍ମାଣ ହୋଇ ସାରିବା ପରେ କେତେବେଳେ ଯେ ଭୁଶୁଡି ଯାଇ ବହୁ ଛାତ୍ରଛାତ୍ରୀଙ୍କ ଜୀବନହାନୀ ହେବ ତାହା ପାଇଁ କିଏ ଦାୟୀ ରହିବ ସେନେଇ ଚର୍ଚ୍ଚା ଯୋର ଧରିଛି। ଏହି ବ୍ଲକ ଅଧୀନ ବହୁ ପୁରାତନ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଟି ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ସରକାରଙ୍କର ବିକଶିତ ଗାଁ ବିକଶିତ ଓଡିଶା ଅନୁଦାନ ଅର୍ଥରେ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ଏହି ଟଙ୍କାରେ ଏକ ପୁରୁଣା କୋଠାଘର ଛାତ ଉପରେ ୧୬୦୦ ବର୍ଗଫୁଟ୍‌ର ଦୁଇଟି ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଦ୍ୟାଳୟ ପରିସରରେ ବ୍ୟାପକ ଜାଗା ରହିଥିଲେ ମଧ୍ୟ ନୂତନ ଭାବେ ଗୃହ ନିର୍ମାଣ କରା ନ ଯାଇ କ'ଣ ପାଇଁ ବହୁ ଦିନର ପୁରୁଣା କୋଠା ଘର ଉପରେ ଦୁଇ ମହଲା ଶ୍ରେଣୀ ଗୃହ ନିର୍ମାଣ କରାଯାଉଛି ସେନେଇ ପ୍ରଶ୍ନ ଉଠିଛି। ଉକ୍ତ ନିର୍ମାଣ କାର୍ଯ୍ୟ କରିବା ପୂର୍ବରୁ ରହିଥିବା ପୁରୁଣା କୋଠାର ସ୍ଥାୟିତ୍ୱ ଓ ସ୍ଥିତିକୁ ସଠିକ୍ ଭାବେ ଯାଞ୍ଚ କରା ନ ଯାଇ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଏହାକୁ ଲେ-ଆଉଟ ଦେଇଥିଲେ। ହେଲେ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗୃହ ନିର୍ମାଣ ସଂକ୍ରାନ୍ତ କୌଣସି ସୂଚନା ଫଳକ ଦିଆଯାଇ ନ ଥିବା ଦେଖାଯାଇଛି। ଲେ-ଆଉଟ୍ ଦେବା ପରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସଠିକ୍ ଭାବେ କାର୍ଯ୍ୟ ତଦାରଖ କରୁ ନ ଥିବାରୁ ଏହା ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ରଙ୍କୁ ପଚାରିବାରୁ ନିର୍ମାଣ କରାଯାଉଥିବା ଶ୍ରେଣୀ ଗୃହ କାର୍ଯ୍ୟରେ ୧୬ଟି ପିଲାର, ୱାଲ୍ ବିମ୍, ନିମ୍‌ଟାଲ୍ ଦିଆଯିବାର ବ୍ୟବସ୍ଥା ହୋଇଥିବାରୁ ଏଥିରେ କୌଣସି ବିପଦ ନ ଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ତୁରନ୍ତ ଗୃହ ନିର୍ମାଣ ବନ୍ଦ୍ କରାଯାଇ ଯାଞ୍ଚ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଦାବି ହୋଇଛି।

# ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବଡମ୍ବା,୧୬।୨(ସମିସ): ବଡମ୍ବା ନିଜିଗଡ଼ ସ୍ଥିତ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ୧୦୫ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାରଦା କବି ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ୧୦୫ ବର୍ଷର ସର୍ବ ପୁରାତନ ବିଦ୍ୟାଳୟ ଏହି ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଯେଉଁଭଳି ଉନ୍ନତି କରିବା କଥା ସେହିପରି ଉନ୍ନତି ହୋଇପାରି ନାହିଁ ବୋଲି ମତ ରଖିଥିଲେ। ବିଦ୍ୟାଳୟର ନୂତନ ରୋଷେଇ ଘର, ସମ୍ମିଳନୀ କକ୍ଷ ଏହିପରି ବହୁ ସମସ୍ୟା ଅଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ତରଫରୁ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଦ୍ୟାଳୟର ଉକ୍ତ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦିଆଯିବ ବୋଲି ଅଧ୍ୟକ୍ଷ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ବ୍ରହ୍ମା, ସମ୍ମାନୀୟ ଅତିଥିଭାବେ ବଡମ୍ବା ବ୍ଲକ ଆମ୍ବା ଅଧ୍ୟକ୍ଷ ମହେନ୍ଦ୍ର ପଡିହାରୀ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସମ୍ପାଦକ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ସିଆରସିସି ବଳଭଦ୍ର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଧାସିନୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ବରିଷ୍ଠ ଶିକ୍ଷକ ଜ୍ଞାନେନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଜୟ କୁମାର କରଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ସନ୍ତୋଷ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ମନୋଜ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସନ୍ତୋଷ ପଟ୍ଟନାୟକଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବି, ଅଭିଭାବକ, ସାମ୍ବାଦିକ ଉପସ୍ଥିତ ରହିଥିଲେ।

# ବିଶିଷ୍ଟ ଭୃଗୁ ଜ୍ୟୋତିଷ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ

ଭୁବନେଶ୍ୱର,୧୬।୨(ସମିସ): ବିଶିଷ୍ଟ ଭୃଗୁ ଜ୍ୟୋତିଷ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୧ ବର୍ଷ ହୋଇଥିଲା। ଆଜି ସକାଳେ ତାଙ୍କର ହୃଦ୍‌ଘାତ ହୋଇଥିଲା। ପରିବାରଲୋକ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଦୁଇ ପୁଅ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଭୃଗୁ ଜ୍ୟୋତିଷର ପ୍ରଚାରପ୍ରସାର କ୍ଷେତ୍ରରେ ସେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଗତ ୧୮ ବର୍ଷ ଧରି ଭୁବନେଶ୍ୱରରେ ଏସୀୟ ଜ୍ୟୋତିଷ ସମ୍ମିଳନୀ ଆୟୋଜନ କରିଆସୁଥିଲେ। ଭୃଗୁ କଲେଜ ଅଫ୍ ଆଷ୍ଟ୍ରୋଲଜି ମଧ୍ୟ ପ୍ରତିଷ୍ଠା କରିଥିଲେ। ବିଭିନ୍ନ ଟିଭି ଓ ଖବରକାଗଜରେ ବାର୍ଷିକ ରାଶିଫଳ, ଗ୍ରହଚଳନ ଏବଂ ଅନ୍ୟାନ୍ୟ ପୌରାଣିକ ପ୍ରସଙ୍ଗରେ ସେ ଆଲୋଚନା କରି ବେଶ୍ ଆଦୃତି ଲାଭ କରିଥିଲେ। ସ୍ୱର୍ଗତ ଆଚାର୍ଯ୍ୟଙ୍କ ଘର କଟକ ଜିଲ୍ଲାର ବଡ଼ମ୍ବା ନରସିଂହପୁର ଅଞ୍ଚଳରେ।



# ମହାଶିବରାତ୍ରୀ ପାଇଁ ବିଭିନ୍ନ ସ୍ଥାନରେ ଜାଗର ଯାତ୍ରା

କନ୍ଦରପୁର,୧୬।୨(ସମିସ):

କଟକ ପୂର୍ବାଞ୍ଚଳରେ ଥିବା କଟକ ସଦର ଅନ୍ତର୍ଗତ ପରମହଂସ ଠାରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ପରମହଂସନାଥଙ୍କ ମନ୍ଦିରରେ ମହାଶିବରାତ୍ରୀ ତଥା ଜାଗର ପାଇଁ ଶ୍ରଦ୍ଧାଳୁଙ୍କର ଭିଡ଼ ହୋଇଛି। ଦ୍ୱାର ଫିଟା ପରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଯାଇଁ ଠାକୁରଙ୍କୁ ଦର୍ଶନ କରୁଥିବା ଦେଖାଯାଇଛି। ମଧ୍ୟ ରାତିରେ ଜାଗର ବ୍ରତ ରଖି ଦୀପ ଜାଳି ଉଜାଗର ରହିଥିବା କାଷ୍ଠାଧାରୀ ଶ୍ରଦ୍ଧାଳୁମାନେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ପରେ ଯାଇଁ ପାଦୁକ ପାଇ ବ୍ରତ ଉଦଯାପନ କରିଥିଲେ। ହିନ୍ଦୁ ଧର୍ମାବଲମ୍ବୀଙ୍କ ଦ୍ୱାରା ପାଳିତ ପର୍ବୋତ୍ସବ ଗୁଡ଼ିକ ମଧ୍ୟରୁ ମହାଶିବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ଉକ୍ତ ଯାତ୍ରାରେ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସପରିବାର ଯୋଗଦେଇ ପରମହଂସନାଥଙ୍କ ଦର୍ଶନ ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ପରମହଂସନାଥଙ୍କ ଜାଗର ଯାତ୍ରା ୫ ଦିନ ଧରି ଚାଲିବାକୁ ଥିବାରୁ ଶୃଙ୍ଖଳିତ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ବିଭିନ୍ନ ଡିପାର୍ଟମେଣ୍ଟ ଗୁଡ଼ିକ ସହିତ ମନ୍ଦିର ଟ୍ରଷ୍ଟି ଯୁବଦ୍ୟୋଗୀ ବିକ୍ରମ ରାଉତ, ହଂସନାଥ ସୁରକ୍ଷା ସମିତି ସଭାପତି ପ୍ରଫୁଲ୍ଲ ସିଂହ, ହଂସନାଥ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଲକ୍ଷ୍ମୀଧର ରାଉତଙ୍କ ସହିତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଉପଲକ୍ଷେ ପରମହଂସନାଥଙ୍କ ପରିସରରେ ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପାଣି ବୋତଲ, ଦହି ସର୍ବତ ଓ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା। କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, କଟକ ସଦର ବିକାଶ ମଞ୍ଚର ସୁବୋଧ ବେହେରା, ସନ୍ତୋଷ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଲକ୍ଷେଶ୍ୱର ପୀଠରେ ଜାଗର ଯାତ୍ରା

ଫୁଲନଖରା : ନଖରା ମୌଜାସ୍ଥିତ ଶ୍ରୀ ଶ୍ରୀ ଲକ୍ଷେଶ୍ୱରଙ୍କ ବିଜେସ୍ଥଳୀରେ ଜାଗରଯାତ୍ରା ଶାନ୍ତିଶୃଙ୍ଖଳରେ ସମାପନ ହୋଇଛି। ପ୍ରାତଃ ସମୟର ସମସ୍ତ ନୀତିକାନ୍ତି ପରେ ଭୋର ୪ ଘଟିକା ସମୟରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ପହୁଡ ଖୋଲାଯାଇଥିଲା। ପ୍ରାତଃ ୫ଘଟିକା ସମୟରୁ ଲୋକମାନଙ୍କର ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ଗୁଣନିଧି ପଟ୍ଟନାୟକ ଓ ଟ୍ରଷ୍ଟି ବଂଶୀଧର ଭୋଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଗ୍ରାମର ଉପଦେଷ୍ଟା ମଣ୍ଡଳୀ ଶାନ୍ତିଶୃଙ୍ଖଳାରେ ଭକ୍ତମାନଙ୍କୁ ଦର୍ଶନ କରାଇବାରେ ସହଯୋଗ କରିଥିଲେ। ପ୍ରବଳ ଜନଗହଳିକୁ ଲକ୍ଷ୍ୟ କରି ପାହାଳ ଥାନା ପକ୍ଷରୁ ଆରକ୍ଷୀ ବାହିନୀଙ୍କ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଯାନବାହାନ ପାର୍କିଂ ଠାରୁ ଆରମ୍ଭ କରି ଦର୍ଶନାର୍ଥୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଏତଦ୍ ବ୍ୟତୀତ ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ଦ୍ୱାରା ଦୀପ ଜଳା ଯାଉଥିବାରୁ ପାହାଳ ଅଗ୍ନି ନିର୍ବାପକ ବାହିନୀ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିଲା। ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ବ୍ରତଧାରୀଙ୍କ ପାଇଁ ଦିବା ୧୦ ଘଟିକା ଠାରୁ ଦହିପଣାର ବ୍ୟବସ୍ଥା ଓ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଦିବା ୪ ଘଟିକା ଠାରୁ ଈଶ୍ୱରଙ୍କ ବଡ଼ସିଂହାର ବେଶ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ ବଢ଼ିବାରେ ଲାଗିଥିଲା। ସଂଧ୍ୟା ସମୟରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବେଢ଼ା ପରିସରରେ ଦୀପ ଜାଳିବା ସଙ୍ଗେ ସଙ୍ଗେ ଭକ୍ତିଭାବପୂର୍ଣ୍ଣ ସଂଗୀତରେ ମଜ୍ଜି ରହିଥିଲେ। ରାତ୍ର ୧୧ଟାରେ ଘଣ୍ଟା ଘଣ୍ଟ ଓ ଖୋଳତାଳ ନାଦରେ ସେବାୟତଙ୍କ ଦ୍ୱାରା ମନ୍ଦିର ବେଢ଼ା ପରିକ୍ରମା ପରେ ମହାଦୀପ ମନ୍ଦିର ଚୂଡାକୁ ଉଠାଯାଇଥିଲା। ଏହି ଅପୂର୍ବ ଦୃଶ୍ୟକୁ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ଅବଲୋକନ କରିବା ସହିତ ହରିବୋଲ ହୁଳହୁଳି ଧ୍ୱନୀରେ ପରିବେଶକୁ ପ୍ରକମ୍ପିତ କରିଥିଲେ। ଦିବସବ୍ୟାପୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଦସ୍ୟ କିଶୋର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଗଣେଶ ମହାନ୍ତି, ନରେଶ ମହାନ୍ତି, କାନନ ନାୟକ, ସୁଧିର ପଟ୍ଟନାୟକ, କିଶୋର ବରାଳ, ଅକ୍ଷୟ ଲେଙ୍କାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ ସେବାୟତମାନେ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ।



## ପଞ୍ଚାନନେଶ୍ୱର ପୀଠରେ ପାଲା ପରିବେଷଣ

ତିଗିରିଆ,୧୬।୨(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପଞ୍ଚାନନେଶ୍ୱର ଦେବଙ୍କ ପୀଠରେ ରବିବାର ଠାରୁ ୬ ଦିନିଆ ପାଲା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଗ୍ରାମର ପଞ୍ଚାନନେଶ୍ୱର ପାଲା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଜାଗର ଦିନଠାରୁ ଅନୁଷ୍ଠିତ ହେଉଥିବା ଏହି ପାଲାରେ ଚଳିତ ବର୍ଷ ରାଜ୍ୟର ଦୁଇ ସୁନାମଧନ୍ୟ ଗାୟକ ଜ୍ଞାନଭୂଷଣ ଶିଶିର ପାଢ଼ୀ, ଗାୟକ ଜ୍ଞାନ ଚନ୍ଦ୍ରମା କେଳୁଚରଣ ଦାଶ ଯୋଗଦେଇ ଓଡ଼ିଶାର ସଂସ୍କୃତି, ଐତିହ୍ୟ ସହ ବିଭିନ୍ନ ଐତିହାସିକ ବିଷୟବସ୍ତୁ ଉପରେ ପାଲା ପରିବେଷଣ କରୁଥିବା ଅନୁଷ୍ଠାନର ସଭାପତି ସମାଜସେବୀ ସରୋଜ ଦାଶ ଓ ସମ୍ପାଦକ ମନୋଜ ପଣ୍ଡା ସୂଚନା ଦେଇଛନ୍ତି। ପାଲାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଅନ୍ୟାନ୍ୟ ଗ୍ରାମରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସହଯୋଗ କରୁଥିବାର ସୂଚନା ମିଳିଛି।

## ସ୍ୱପ୍ନେଶ୍ୱର ପୀଠରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟରପଡା ପଞ୍ଚାୟତ ମୁରଦାବାଦଠାରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ ପବିତ୍ର ଜାଗର ଅବସରରେ ଏକ ଆଧ୍ୟାତ୍ମିକ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସାମୁହିକ ଭାବେ ଶିବ ପଞ୍ଚାକ୍ଷର ପଠନ ଏବଂ ସାମୁହିକ ୧୦୮ ଦୀପଦାନ କରାଯାଇଥିଲା। ସଂସଦର ସଭାପତି ଫକୀର ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସଦର ସଂପାଦକ ଦେବବ୍ରତ ପଣ୍ଡା, ମୁଖ୍ୟବକ୍ତା ଭାବେ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ସମ୍ମାନିତ ଅତିଥିଭାବେ କବି ସଚ୍ଚିଦାନନ୍ଦ ମିଶ୍ର, ସ୍ୱେଚ୍ଛାସେବୀ ସବିତା ଶତପଥୀ, ସାମ୍ବାଦିକ ବିଜୟ କୁଅଁର, ସଂଗଠନର ସଂପାଦକ ପ୍ରମୋଦ ଦାଶ, ରାମଚନ୍ଦ୍ର ଦାସ, ଶୁକଦେବ ପାତ୍ର, ପ୍ରଫୁଲ୍ଲ ପାତ୍ର, ବିରଞ୍ଚି ମହାନ୍ତି, ପ୍ରାଣକୃଷ୍ଣ ଦାସ, ହରପ୍ରସାଦ ନାୟକ, ଅନିକେତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିମା ଗବେଷକ ଡ. ଏକାଦଶୀ ପ୍ରଧାନଙ୍କୁ ମାହାଙ୍ଗା ରତ୍ନ ଉପାଧିରେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀପ୍ତିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଜାଗର ଉତ୍ସବ ଓ ପ୍ରବନ୍ଧ ପୁସ୍ତକ ଲୋକାର୍ପିତ

ମାହାଙ୍ଗା : ମାହାଙ୍ଗା ବ୍ଲକ ଗୋପାଳପୁର ଠାରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଓ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପରିଚାଳନା କମିଟିର ମିଳିତ ସହଯୋଗରେ ଶୈବପୀଠ ବୀର ଭଦ୍ରେଶ୍ୱରର ନବଦିନାତ୍ମକ ଯଜ୍ଞ ତଥା ଜାଗର ଯାତ୍ରା ଅବସରରେ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଓ ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମ ଝୁଲଣ ମଣ୍ଡପରେ ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ଟାଙ୍ଗୀ ଗୋବିନ୍ଦପୁରର ସିଦ୍ଧଗିରି ଆଶ୍ରମର ମଠାଧିଶ ବାବା ବିଶ୍ୱନାଥ ଦାସ, ମୁଖ୍ୟଅତିଥି ଭାବେ ସ୍ଥାନୀୟ ଭଦ୍ରେଶ୍ୱର ଥାନା ଅଧିକାରୀ ସୁଶ୍ରୀ ସନ୍ଧ୍ୟାରାଣୀ ସିଂ, ମୁଖ୍ୟ ବକ୍ତା ଭାବେ ସରକାରୀ ସ୍ୱୟଂଚାଳିତ ମହାବିଦ୍ୟାଳୟ ଫୁଲବାଣୀର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଜନାର୍ଦ୍ଦନ ରାଉତ, ସମ୍ମାନୀତ ଅତିଥିଭାବରେ ଦର୍ଶନ ବିଦ୍ୟାର୍ଥୀ ମହାରାଜ ଅଭିରାମ ପରମହଂସଙ୍କ ଦିକ୍ଷିତ ସନ୍ୟାସୀ ଅଭୟ ଦାସ ମହାରାଜ, ପ୍ରବଚକ ଶରତ ଚନ୍ଦ୍ର ରଥ, ଡଃ ଏକାଦଶୀ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ତଥା ପୁସ୍ତକ ସମୀକ୍ଷକ ଭାବେ ଦ୍ୱିତୀୟଭଞ୍ଜ ସାହିତ୍ୟ ଗବେଷକ ଅଧ୍ୟାପକ ଉମାକାନ୍ତ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। ସଂପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହସଂପାଦକ ଜ୍ୟୋତିରଞ୍ଜନ ମହାନ୍ତି ଶିବବନ୍ଦନା ଗାନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାବନ୍ଧିକ ତଥା ସଂସଦର ପ୍ରାଣ ପ୍ରତିଷ୍ଠାତା ସଂପାଦକ ଗୌତମ ଚରଣ ଜେନାଙ୍କ ପ୍ରବନ୍ଧ ପୁସ୍ତକ 'ବିବର୍ଣ୍ଣ ଦାମ୍ପତ୍ୟ'କୁ ଲୋକର୍ପିତ କରିଥିଲେ। ଏହି ଅବସରରେ ବୀର ଭଦ୍ରେଶ୍ୱରଙ୍କ ଅଗ୍ରଭାଗରେ ଏକ ତୋରଣ ନିର୍ମାଣ କରିଥିବା ଶିଳ୍ପୀ ବ୍ରହ୍ମାନନ୍ଦ ବେହେରା, ନୃତ୍ୟଗୁରୁ ଆନନ୍ଦ ଚରଣ ଓଝା, ଜୟଦେବ ମଣ୍ଡଳ ଓ ନୃତ୍ୟ ବ୍ୟବସ୍ଥାପକ ଶିକ୍ଷକ ସରୋଜକାନ୍ତ ଘଡେଇ ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। କବି ପ୍ରଫୁଲ୍ଲ କୁମାର ସିଂ ଶିବ ଉପାସନା କବିତା ପାଠ କରିଥିଲେ। ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉତ୍ସବ ପରିଚାଳନାରେ କବି ରାଜକିଶୋର ମିଶ୍ର, ଇଂ. ଚିନ୍ମୟ ଜେନା, ଆଇନଜୀବୀ ଦିଲ୍ଲୀପ ଗ୍ରହାଚାର୍ଯ୍ୟ, ବିଜୟ କୁଅଁର, ମାନସ ପ୍ରଧାନ, କେଶବ ପ୍ରଧାନ, ନରହରି ସେଠୀ, ଯଜ୍ଞ ପରିଚାଳନା କମିଟି ତରଫରୁ ସଭାପତି ନାରାୟଣ ଚନ୍ଦ୍ର ପଣ୍ଡା, ରବିନ୍ଦ୍ର ରାଉଳ, ବିପିନବିହାରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।



## ନାଗେଶ୍ୱରନାଥଙ୍କ ଯଜ୍ଞୋତ୍ସବ ଉଦ୍‌ଯାପିତ



କିଶନନଗର : କଟକ ସଦର ଅନ୍ତର୍ଗତ ଆୟତପୁର ପଞ୍ଚାୟତରେ ଅବସ୍ଥିତ ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ନାଗେଶ୍ୱରନାଥଙ୍କ ମନ୍ଦିର ବେଢ଼ାରେ ସବୁ ବର୍ଷ ପରି ୬୪ ତମ ପାରମ୍ପରିକ ଯଜ୍ଞୋତ୍ସବ ୫ ଦିନ ଧରି ଯାଜ୍ଞିକ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଆଜି ସୋମବାର ଦିନ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ବେଢ଼ାରେ ଅଷ୍ଟମ ପ୍ରହର ନାମଯଜ୍ଞ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ଯଜ୍ଞ କମିଟି ସଭାପତି ଲୋକନାଥ ଓଝା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ରବି ନାରାୟଣ ଜେନା, ଗୋକୁଳ ଚନ୍ଦ୍ର ପ୍ରଧାନ ଓ ସମସ୍ତ ସଦସ୍ୟଙ୍କ ସହିତ ଅଞ୍ଚଳବାସୀ ସହାୟତା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୪ ● ପାଉଣ୍ଡ ୧୨୩.୬୩
- ୟୁରୋ ୧୦୭.୫୪ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୪୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୨୭୭.୦୦
- ନିଫ୍ଟି ୨୫,୬୮୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ମହଙ୍ଗା ମାଡ଼ ପୁଣି ବେଲଗାମ୍

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି)

**ଜାନୁଆରୀରେ ୧.୮୧% ଛୁଇଁଲା**

**ଖାଦ୍ୟ-ସାମଗ୍ରୀ ମୂଲ୍ୟରେ ବୃଦ୍ଧି ମୁଖ୍ୟ କାରଣ**

**ଡିସେମ୍ବରରେ ମୁଦ୍ରାସ୍ଫୀତି ହାର ୦.୮୩% ଥିଲା**



ପୁଣି ଉପରମୁହାଁ ହୋଇଛି ବଜାର ଦର। ଏଥିରେ ମୁଦ୍ରାସ୍ଫୀତିକୁ ନେଇ ଆସିଛି ଚିନ୍ତାଜନକ ଖବର। କାରଣ ଦେଶରେ ପାଇକାରୀ ମୁଦ୍ରାସ୍ଫୀତିରେ ରେକର୍ଡ ବୃଦ୍ଧି ଘଟିଛି। ଜାନୁଆରୀ ମାସରେ ପାଇକାରୀ ମୁଦ୍ରାସ୍ଫୀତି ହାର ୧.୮୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଗତ ୧୦ ମାସରେ ସର୍ବୋଚ୍ଚ। ସୋମବାର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟରେ ଏହା କୁହାଯାଇଛି। ମାତ୍ର ଗୋଟିଏ ମାସ ପୂର୍ବରୁ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ହାର ୦.୮୩% ରହିଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ଯୋଗୁ ପାଇକାରୀ ମୁଦ୍ରାସ୍ଫୀତିରେ ଏଭଳି ବୃଦ୍ଧି ଦେଖିବାକୁ ମିଳିଛି। ଅପରପକ୍ଷେ ଜାନୁଆରୀରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ହାର ୨.୭୫% ରହିଥିଲା।

ଜାନୁଆରୀରେ ମୁଦ୍ରାସ୍ଫୀତି ବୃଦ୍ଧି ପଛରେ ଅନେକ ପ୍ରମୁଖ କାରଣ ରହିଛି। ସରକାରୀ ତଥ୍ୟ ଦର୍ଶାଉଛି ଯେ ମୌଳିକ ଧାତୁ, ଅନ୍ୟାନ୍ୟ ଉତ୍ପାଦନ ସାମଗ୍ରୀ, ଅଣ-ଖାଦ୍ୟ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଏବଂ ବୟନ ଶିଳ୍ପ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତିକୁ ଉପରମୁହାଁ ହୋଇଛି। ଗତ କିଛି ମାସ ହେବ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ପାଉଥିବା ଖର୍ଚ୍ଚର ପ୍ରଭାବ ଏବେ ପାଇକାରୀ ମୂଲ୍ୟ ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ପାଇକାରୀ ମୁଦ୍ରାସ୍ଫୀତି ସୂଚୀରେ ଖାଦ୍ୟ ସୂଚକାଙ୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦେଖିବାକୁ ମିଳିଛି। ୨୦୨୫ ଡିସେମ୍ବରରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ଶୂନ୍ୟ ପ୍ରତିଶତ ଥିଲା, ଯାହା ଜାନୁଆରୀରେ ୧.୪୧ ପ୍ରତିଶତକୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ଖାଦ୍ୟ ସାମଗ୍ରୀଗୁଡିକ ଏବେ ପୂର୍ବ ଅପେକ୍ଷା ପାଇକାରୀ ବଜାରରେ ବହୁତ ମହଙ୍ଗା ଦରରେ ବିକ୍ରି ହେଉଛି। ପ୍ରାଥମିକ ସାମଗ୍ରୀ କହିଲେ, କୃଷି ସାମଗ୍ରୀ, ଖଣିଜ ପଦାର୍ଥ ଏବଂ ଅଶୋଧିତ ତୈଳ ଅନ୍ତର୍ଭୁକ୍ତ। ଜାନୁଆରୀରେ ଅଣ-ଖାଦ୍ୟ ସାମଗ୍ରୀ ୫.୩୨ ପ୍ରତିଶତ ମହଙ୍ଗା ହୋଇଛି। ଅଶୋଧିତ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମୂଲ୍ୟ ଡିସେମ୍ବର ତୁଳନାରେ ଜାନୁଆରୀରେ ୪.୨୭ ପ୍ରତିଶତ ବୃଦ୍ଧି ପାଇଛି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ଖାଦ୍ୟ ସାମଗ୍ରୀ ଏବଂ ଉତ୍ପାଦିତ ଉତ୍ପାଦର ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତିକୁ ଏହି ଉଚ୍ଚ ସ୍ତରକୁ ଠେଲି ଦେଇଛି। ଏହି ବୃଦ୍ଧି ଭବିଷ୍ୟତରେ ବଜାର ମୂଲ୍ୟ ଏବଂ ସାଧାରଣ ଲୋକଙ୍କ ବଜେଟ୍ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ପରିସଂଖ୍ୟାନ ମନ୍ତ୍ରଣାଳୟ ଚଳିତ ବର୍ଷ ମୁଦ୍ରାସ୍ଫୀତି ତଥ୍ୟ ଉପସ୍ଥାପନରେ ଏକ ବଡ଼ ପରିବର୍ତ୍ତନ କରିଛି। ଖୁଚୁରା ମୁଦ୍ରାସ୍ଫୀତି ଗଣନା ପାଇଁ ମୂଳ ବର୍ଷ ୨୦୨୪କୁ ପରିବର୍ତ୍ତିତ ହୋଇଛି। ପୂର୍ବରୁ, ପୁରୁଣା ମୂଳ ବର୍ଷ ବହୁ ଦିନ ଧରି ବ୍ୟବହୃତ ହେଉଥିଲା। ମୂଳ ବର୍ଷ ପରିବର୍ତ୍ତନ କରିବା ଅର୍ଥ ହେଉଛି ମୁଦ୍ରାସ୍ଫୀତି ସୂଚକାଙ୍କରେ ବର୍ତ୍ତମାନ ନୂତନ ଖର୍ଚ୍ଚ ଢାଞ୍ଚା ଅନ୍ତର୍ଭୁକ୍ତ ହୋଇଛି। ଏଥିରେ ଖାଦ୍ୟ ସାମଗ୍ରୀର ଗୁରୁତ୍ୱ ସାମାନ୍ୟ ହ୍ରାସ କରାଯାଇଛି। ଦେଶର ପରିବର୍ତ୍ତିତ ଅର୍ଥନୀତି ଏବଂ ଲୋକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ପରିବର୍ତ୍ତନ କରାଯାଇଛି।

**ରୁଷର 'ଡଲାର ପ୍ରେମ'ରେ ସୁନା ଖେଳ ଶେଷ**

# ୧ ଲକ୍ଷ ତଳକୁ ଖସିବ ସୁନା




ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି): ଦୀର୍ଘ ବର୍ଷ ଧରି ରୁଷ ବିଶ୍ୱରେ 'ଡି-ଡଲାରାଇଜେସନ୍' ଅଭିଯାନର ନେତୃତ୍ୱ ନେଇ ଆସୁଛି। ହେଲେ ଏବେ ରୁଷର ଡଲାର ପ୍ରତି ମନୋଭାବ ବଦଳୁଥିବା ଲକ୍ଷ କରାଯାଉଛି। ଯଦି ରୁଷ ଡଲାରକୁ ଫେରିଯାଏ, ତେବେ ବ୍ରିକ୍ସ ରାଷ୍ଟ୍ରଗୁଡିକ ମଧ୍ୟରେ 'ସୁନା-ଆଧାରିତ ବାଣିଜ୍ୟ' ଆଶା ଦ୍ୱାରା ସୃଷ୍ଟି ହୋଇଥିବା ସୁନାର ଚାହିଦା ହ୍ରାସ ପାଇପାରେ। ଏହା ହେଲେ ଭାରତରେ ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ତଳକୁ ଖସିଆସିବ। ନିକଟରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଟାରିଫ୍‌ର ପ୍ରଭାବ କମ୍ କରିବାକୁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ପ୍ରଚୁର ସୁନା କିଣିଥିଲେ, ଯାହା ଏହି ହଳଦିଆ ଧାତୁ ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ। ଅପରପକ୍ଷେ ରୁଷ ଏ ପର୍ଯ୍ୟନ୍ତ ଏହି ରିପୋର୍ଟ ଉପରେ ଆନୁଷ୍ଠାନିକ ଭାବରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଅପରପକ୍ଷେ ରୁଷ ଏ ପର୍ଯ୍ୟନ୍ତ ଏହି ରିପୋର୍ଟ ଉପରେ ଆନୁଷ୍ଠାନିକ ଭାବରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ମସ୍କୋରୁ ପ୍ରତ୍ୟାଖ୍ୟାନ ଅଭାବ ସୁନା କ୍ରେତାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିପାରେ। ବ୍ରିକ୍ସ ଦେଶଗୁଡ଼ିକ (ବ୍ରାଜିଲ, ରୁଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା) ଗତ କିଛି ବର୍ଷ ଧରି ଆକ୍ରମଣାତ୍ମକ ଭାବରେ ସୁନା କ୍ରୟ କରିଛନ୍ତି। ସେମାନଙ୍କର ଲକ୍ଷ୍ୟ ଥିଲା ଡଲାରକୁ ବାଇପାସ କରି ସୁନାକୁ ବାଣିଜ୍ୟ କାରବାର ମାଧ୍ୟମ କରିବା। ପରିସଂଖ୍ୟାନ ଅନୁଯାୟୀ, ବ୍ରିକ୍ସ ଦେଶଗୁଡ଼ିକ ବିଶ୍ୱ ସୁନା ଉତ୍ପାଦନର ୫୦% ନିୟନ୍ତ୍ରଣ କରନ୍ତି। ୨୦୨୦ରୁ ୨୦୨୪ ମଧ୍ୟରେ ବିଶ୍ୱ ସୁନା କ୍ରୟର ଅଧା ଏହି ଦେଶଗୁଡ଼ିକର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା କରାଯାଇଥିଲା। ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ପଞ୍ଜିକୃତ ବଜାର ବିଶେଷଜ୍ଞ ଅନୁଜ ଗୁପ୍ତା କୁହନ୍ତି ଯେ ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସକୁ ଆସିବା ପରଠାରୁ, ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ତାଙ୍କ ଶୁଳ୍କର ପ୍ରଭାବକୁ ପୂରଣ କରିବା ପାଇଁ ସୁନା କିଣିବା ଆରମ୍ଭ କରିଥିଲେ।

## ବେଦାନ୍ତ ଆଲୁମିନିୟମ୍‌ର ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଯୋଗାଣ



ଭୁବନେଶ୍ୱର, ୧୬।୨ (ସମିସ): ବେଦାନ୍ତ ଆଲୁମିନିୟମ ଏହାର ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାଶ) ପଦକ୍ଷେପ ମାଧ୍ୟମରେ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲାର ଗ୍ରାମାଞ୍ଚଳରେ ଅତ୍ୟାଧୁନିକ ଜଳ ବିଶୋଧନ ବ୍ୟବସ୍ଥା ସହିତ ସୌର-ଚାଳିତ ନଳକୂପ ସ୍ଥାପନ କରି ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଚୁଲବାଡି, ସୁଙ୍ଗେର, ଧାମନଘାଟି, ଡୁମେରପାଦର, ସାଗବାରୀ, ଲଦାଖମାନ ଏବଂ ସିୟାଡିମାଲରେ ଅବସ୍ଥିତ ଏହି ଜଳ ଯୋଗାଣ ବ୍ୟବସ୍ଥା ୩୦୦୦ ରୁ ଅଧିକ ଗ୍ରାମବାସୀଙ୍କୁ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଯୋଗାଇ ଦେଉଛି। ଗୋଷ୍ଠୀ ମାଲିକାନା ଏବଂ ସ୍ଥାୟୀତ୍ୱକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରୀ ହୋଇଥିବା ନୂତନ ଜଳଯୋଗାଣ ବ୍ୟବସ୍ଥାକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରାଯାଇଛି। ସ୍ଥାନୀୟ ସରପଞ୍ଚ ଏବଂ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ଗୋଷ୍ଠୀ ସଦସ୍ୟମାନେ ବ୍ୟବସ୍ଥାର ବ୍ୟବହାର ଏବଂ ରକ୍ଷଣାବେକ୍ଷଣ ସଂକ୍ରାନ୍ତରେ ଅବଗତ ହୋଇଛନ୍ତି।

## ସିଜିୟୁରେ 'ସକ୍ଷମ' ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୬।୨ (ସମିସ): ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସହଯୋଗରେ ସି. ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି (ସିଜିୟୁ)ରେ ୧୧ ଫେବୃଆରୀ ୨୦୨୬ ରେ 'ସକ୍ଷମ (ସଂରକ୍ଷଣ କ୍ଷମତା ମହୋତ୍ସବ) ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ତେଲ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଆଧିନରେ ପାଳିତ ଜାତୀୟ ଅଭିଯାନର ଅଂଶ ଭାବେ ଇନ୍ଧନ ସଂରକ୍ଷଣ ଓ ସସ୍ଥାୟୀ ଶକ୍ତି ବ୍ୟବହାର ପ୍ରଚାର କରିବା ପାଇଁ ଆୟୋଜିତ ହୋଇଥିଲା। ସିଜିୟୁ ଓ ପଲିଟେକ୍ନିକ୍‌ର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ତେଲ ଓ ଗ୍ୟାସ ସଂରକ୍ଷଣ ଏବଂ 'ଗୋ ଗ୍ରିନ୍' ପ୍ରଚାର ବିଷୟରେ ଆୟୋଜିତ ତର୍କବିତର୍କ ଓ ପୋଷ୍ଟର ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ଗେଲ୍ ଡିଜିଏମ୍ ନିଗମାନନ୍ଦ ମିଶ୍ର, ଉପକୁଳପତି ପ୍ରଫେସର (ଡ଼.) ବଂଶୀଧର ମାଝୀ, ପ୍ରୋ-ଭାଇସ୍ ଚାନ୍ସେଲର ପ୍ରଫେସର (ଡ଼.) ଗୁଡ଼ା ଶ୍ରୀଦେବୀ, ରେଜିଷ୍ଟ୍ରାର ଡ଼. ବିନିତା ପଣ୍ଡା ଓ ସିଭିଆରପି ପ୍ରଧାନ ଡ଼. ଆର୍. କେ. ପୃଷ୍ଟିଙ୍କ ସମ୍ମୁଖରେ ସମ୍ମାନିତ କରାଯାଇଥିଲା।

## ହୋଲିରେ ଚାଲିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୧୬।୨ (ସମିସ): ଆସନ୍ତା ହୋଲି ଏବଂ ଦୋଳ ଯାତ୍ରା ସମୟରେ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ, ପୂର୍ବ ତଟ ରେଳପଥ ଏକାଧିକ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ପାଇଁ ଘୋଷଣା କରିଛି। ଅତିରିକ୍ତ ଯାତ୍ରୀ ଭିଡ଼ ଦୂର କରିବା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳଗୁଡ଼ିକ ମଧ୍ୟରେ ଅତିରିକ୍ତ ସଂଯୋଗ ପ୍ରଦାନ କରିବା ପାଇଁ ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକୁ ପ୍ରଚଳନ କରାଯାଉଛି। ପାର୍ବଣ ଋତୁରେ, ଯାତ୍ରୀଙ୍କ ଗତିବିଧିରେ ଯଥେଷ୍ଟ ବୃଦ୍ଧି ଘଟିଛି କାରଣ ଲୋକମାନେ ସେମାନଙ୍କ ପରିବାର ଏବଂ ପ୍ରିୟଜନଙ୍କ ସହ ଉତ୍ସବ ପାଳନ କରିବାକୁ ଯାତ୍ରା କରନ୍ତି। ଏହି ବୃଦ୍ଧିକୁ ଦୃଷ୍ଟିରେ ରଖି, ପୂର୍ବ ତଟ ରେଳପଥ ଭୁବନେଶ୍ୱର, ବିଶାଖାପାଟଣା ଏବଂ ସମ୍ବଲପୁରକୁ ଯଶବନ୍ତପୁର, ଏସ୍. ଏମ୍. ଭି. ବି. ବେଙ୍ଗାଲୁରୁ, ତିରୁପତି, ଚାର୍ଲାପଲ୍ଲୀ, ଶାଲିମାର, ଧନବାଦ ଏବଂ ଇରୋଡ୍ ସମେତ ପ୍ରମୁଖ ସହରଗୁଡ଼ିକ ସହିତ ସଂଯୋଗ କରୁଥିବା ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଜନା କରିଛି।

## ଆଇଡିବିଆଇ ବ୍ୟାଙ୍କର 'ଆରୋଗ୍ୟ ଫିକ୍ସଡ୍ ଡିପୋଜିଟ୍ ସ୍କିମ୍

ନୂଆଦିଲ୍ଲୀ, ୧୬।୨ : ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍ଥାୟୀ ଜମା ସୁବିଧା 'ଆରୋଗ୍ୟ ଫିକ୍ସଡ ଡିପୋଜିଟ' ସ୍କିମର ଶୁଭାରମ୍ଭ ଘୋଷଣା କରାଯାଇଛି, ଯାହା ଟପ୍-ଅପ ହେଲ୍‌ଥ ଇନ୍ସୁରାନ୍ସ କଭରେଜ ସହିତ ନିଶ୍ଚିତ ରିଟର୍ଣ୍ଣକୁ ଏକାଠି କରିଛି। ଏହା ଗ୍ରାହକଙ୍କ କଲ୍ୟାଣ ଓ ଆର୍ଥିକ ସୁରକ୍ଷା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଆରୋଗ୍ୟ ଫିକ୍ସଡ ଡିପୋଜିଟ ସ୍କିମ ଅଧିନରେ ଗ୍ରାହକମାନେ ୩୭୦ ଦିନର ଏକ ଅବଧି ପାଇଁ ୭.୫୦ ଲକ୍ଷ ଟଙ୍କାର ଏକ ସ୍ଥାୟୀ ରାଶି ନିବେଶ କରିପାରିବେ ଏବଂ ସ୍ଥାୟୀ ଜମା ସୁଧ ସହିତ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା କଭରେଜ ପାଇପାରିବେ। ଏହି ସ୍ୱାସ୍ଥ୍ୟ ବୀମା କଭରକୁ କେୟାର ହେଲ୍‌ଥ ଇନ୍ସୁରାନ୍ସ ମାଧ୍ୟମରେ ପ୍ରଦାନ କରାଯିବ, ଯାହାକି ଏଥିପାଇଁ ବ୍ୟାଙ୍କର ସ୍ୱୀକୃତିପ୍ରାପ୍ତ ଇନ୍ସୁରାନ୍ସ ପାର୍ଟନର। ଏହି ଉତ୍ପାଦକୁ ସ୍ୱତନ୍ତ୍ର ଭାବେ ୧୮ ବର୍ଷ ଓ ୫୮ ବର୍ଷ ୧୧ ମାସ ବୟସ ମଧ୍ୟରେ ଥିବା ଭାରତୀୟ ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଥିବା ଆଇଡିବିଆଇ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ସୁମିତ ଫକ୍କା କହିଛନ୍ତି।

# ଦିଲ୍ଲୀରେ ଏଆଇ ମହାକୁମ୍ଭ ଆରମ୍ଭ

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଛି ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦଘାଟନ କରିଛନ୍ତି। ଏହି ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ର ଓ ସରକାରଙ୍କ ମୁଖ୍ୟ, ମନ୍ତ୍ରୀ, ବିଶ୍ୱ ପ୍ରଯୁକ୍ତି ନେତୃବର୍ଗ, ବିଶିଷ୍ଟ ଗବେଷକ, ବହୁମୁଖୀ ପ୍ରତିଷ୍ଠାନ ଏବଂ ଶିଳ୍ପ

- **ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ କଲେ ଉଦ୍‌ଘାଟନ**
- **୨୦ରୁ ଅଧିକ ରାଷ୍ଟ୍ର ମୁଖ୍ୟ, ୫୦୦ ଗ୍ଲୋବାଲ ଏଆଇ ନେତୃବୃନ୍ଦ ଏକତ୍ରିତ**

ଅଂଶୀଦାରମାନେ ଭାଗ ନେଇଛନ୍ତି। ସମାବେଶୀ ବିକାଶକୁ ଆଗେଇ ନେବା, ସାର୍ବଜନୀନ ପ୍ରଣାଳୀକୁ ସୁଦୃଢ଼ କରିବା ଏବଂ ଦୀର୍ଘସ୍ଥାୟୀ ବିକାଶକୁ ସକ୍ଷମ କରିବା ଲାଗି ଏଆଇର ଭୂମିକାକୁ ନେଇ ସମ୍ମିଳନୀରେ ବିଚାରବିମର୍ଶ କରାଯିବ। ଏହି କାର୍ଯ୍ୟକ୍ରମ ଫେବୃଆରୀ ୨୦ ପର୍ଯ୍ୟନ୍ତ ଚାଲିବ। ବିଶ୍ୱର ବିଭିନ୍ନ ଦେଶର ପ୍ରମୁଖ ଏଆଇ କମ୍ପାନୀଗୁଡ଼ିକର ରାଷ୍ଟ୍ରମୁଖ୍ୟ ଏବଂ ସିଇଓମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥିରେ ୩୦୦ରୁ ଅଧିକ କମ୍ପାନୀ ସେମାନଙ୍କର ନବସୃଜନ ପ୍ରଦର୍ଶନ କରିବେ। ସମ୍ମିଳନୀର ପ୍ରମୁଖ ଆକର୍ଷଣ ତିନୋଟି ପ୍ରମୁଖ ବିଶ୍ୱ ପ୍ରଭାବ ଆହ୍ୱାନ - ସମସ୍ତଙ୍କ ପାଇଁ ଏଆଇ, ଏଆଇ ବାୟହର୍ ଏବଂ ଯୁବା ଏଆଇ ରହିଛି।

ଏହି ଏଆଇ ସମ୍ମିଳନୀରେ ବିଶ୍ୱର ବିଭିନ୍ନ କମ୍ପାନୀ ସେମାନଙ୍କର ନୂତନ ଏଆଇ ସମାଧାନ ପ୍ରଦର୍ଶନ କରିବେ। ଏଆଇ କମ୍ପାନୀଗୁଡ଼ିକର ସିଇଓମାନେ ନୂଆ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ସୂଚନା ଉପସ୍ଥାପନ କରିବେ। ଏହି ସମିଟ୍‌ର ଲକ୍ଷ୍ୟ ହେଉଛି ଏଆଇ ଇକୋସିଷ୍ଟମ୍, ଏହାର ପ୍ରଭାବ ଏବଂ ଲାଭ ବିଷୟରେ ଆଲୋଚନା କରିବା ଏବଂ ସମ୍ଭାବ୍ୟ ବିପଦକୁ ହ୍ରାସ କରିବା ପାଇଁ ପ୍ରୟାସ କରିବା। ଏଆଇ ଇମ୍ପାକ୍ଟ ସମିଟ୍‌ରେ ନିଯୁକ୍ତି ଉପରେ ମଧ୍ୟ ଆଲୋଚନା ହେବ। ଅନେକ ସିଇଓ ଏବଂ ଏଆଇ ଗବେଷକ ଦୀର୍ଘ ସମୟ ଧରି ଚାକିରି ପ୍ରତି ଏଆଇର ବିଭିନ୍ନ ପ୍ରଭାବ ଏବଂ ବିପଦ ବିଷୟରେ ଆଲୋଚନା କରିବେ। ବଡ଼ ଡାଟା ସେଣ୍ଟରଗୁଡ଼ିକର ପରିବେଶଗତ ପ୍ରଭାବ ଉପରେ ମଧ୍ୟ ଏଥିରେ ଆଲୋଚନା ହେବ।

ଏଆଇ ସମ୍ମିଳନୀରେ ବିଶ୍ୱ ଏଆଇ ନେତୃବୃନ୍ଦଙ୍କ ମଧ୍ୟରେ ଗୁଗଲ୍ ସିଇଓ ସୁନ୍ଦର ପିଚାଇ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏମ୍‌ଡି ମୁକେଶ ଅମ୍ବାନୀ, ଓପନ୍ ଏଆଇର ସିଇଓ ସାମ ଆଲ୍ଟମ୍ୟାନ୍, ଆଡୋବ ସିଇଓ ଶାନ୍ତନୁ ନାରାୟଣ, ସିଇଓ, ଆଡୋବ, କ୍ୱାଲକମ୍ ସିଇଓ କ୍ରିଷ୍ଟିଆନୋ ଆମନ୍, ଆନ୍ଥ୍ରୋପିକ୍ ସିଇଓ ଡାରିଓ ଆମୋଡେ, ଗୁଗୁଲ୍ ଡିପ୍ ମାଇଣ୍ଡର ସିଇଓ ଡେମିସ୍ ହାସାବିସ୍, ମେଟାର ମୁଖ୍ୟ ଏଆଇ ଅଧିକାରୀ ଆଲେକ୍ସଜାଣ୍ଡାର୍ ୱାଙ୍ଗ୍ ପ୍ରମୁଖ ଯୋଗଦେଉଛନ୍ତି।

## ଜିଓ ପାଭିଲିଅନ୍ ବୁଲି ଦେଖିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି): ଏଆଇ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଓର ଏଆଇ ପାଭିଲିଅନ୍ ପରିଦର୍ଶନ କରିଛନ୍ତି। ସେ ଜିଓ ଦ୍ୱାରା ବିକଶିତ ବିଭିନ୍ନ ଏଆଇ ଆଧାରିତ ମଡେଲ୍ ଏବଂ ସମାଧାନ ବିଷୟରେ ଅବଗତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଜିଓ ଇଣ୍ଟେଲିଜେନ୍ସ, ଜିଓ ସଂସ୍କୃତି ଏଆଇ, ଜିଓ ଆରୋଗ୍ୟ ଏଆଇ, ଜିଓ ଶିକ୍ଷା ଏବଂ ଜିଓ ଏଆଇ ହୋମ୍ ପରି ମଡେଲ୍‌ଗୁଡ଼ିକୁ ବୁଲି ଦେଖିଥିଲେ। ଏହି ଅବସରରେ ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କମ୍ପାନୀ ଦ୍ୱାରା ବିକଶିତ ଏଆଇ ଇକୋସିଷ୍ଟମ ଏବଂ ତାହାର ବିଭିନ୍ନ ଉପଯୋଗ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ। ଜିଓ ଦୀର୍ଘ ସମୟ ଧରି ସମସ୍ତଙ୍କ ପାଇଁ ଏଆଇ ଲକ୍ଷ୍ୟକୁ ଗୁରୁତ୍ୱ ଦେଇଆସୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପୂର୍ବରୁ କହିଥିଲେ ଯେ ପ୍ରଯୁକ୍ତିର ବାସ୍ତବ ଲାଭ ସେତେବେଳେ ମିଳିଥାଏ, ଯେତେବେଳେ ଏହା ବ୍ୟାପକ ଭାବେ ସାଧାରଣ ଲୋକଙ୍କ ପାଖରେ ଉପଲବ୍ଧ ହୋଇଥାଏ। ଏହି ଚିନ୍ତାଧାରା ଅନୁସାରେ ଜିଓ ସମସ୍ତଙ୍କ ପାଇଁ ଏଆଇଲକ୍ଷ୍ୟରେ କାମ କରୁଛି।

# ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ଡାଉନ୍

ୱାଶିଂଟନ୍, ୧୬।୨ (ଏଜେନ୍ସି): ସୋମବାର ସାରା ବିଶ୍ୱରେ ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବରୁ ଟ୍ୱିଟର) ୨ ଘଣ୍ଟା ପାଇଁ ବନ୍ଦ ଥିଲା। ହଜାର ହଜାର ଉପଭୋକ୍ତା ସେମାନଙ୍କର ଫିଡ୍ ଆକ୍ସେସ୍ କରିପାରୁ ନ ଥିବା ଏବଂ ଖାଲି ସ୍କ୍ରିନ୍ ଦେଖିବା

**ଆପ୍ ଏବଂ ୱେବ୍ ସେବା ଉଭୟ ବନ୍ଦ ଥିଲା**



ଅଭିଯୋଗ କରିଛନ୍ତି। ତଥାପି, ଏହା ମଝିରେ ମଝିରେ ଚାଲିବା ଏବଂ ବନ୍ଦ ହେବା ଜାରି ରହିଥିଲା। ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ୩୦ ମଧ୍ୟରେ ଆଉଟେଜ୍ ଟ୍ରାକିଂ ୱେବସାଇଟ୍ ଡାଉନଡିଟେକ୍ଟରରେ ୪୫,୦୦୦ ରୁ ଅଧିକ ଅଭିଯୋଗ ରିପୋର୍ଟ କରାଯାଇଥିଲା। ତଥାପି, ସେବା ପରେ ପୁନଃସ୍ଥାପିତ ହୋଇଥିଲା। ଏହି ସମୟ ମଧ୍ୟରେ, ଉପଭୋକ୍ତାମାନେ ସେମାନଙ୍କର ଟାଇମଲାଇନ୍ ଦେଖିପାରୁ ନ ଥିବା କିମ୍ବା ନୂତନ ପୋଷ୍ଟ କରିପାରୁ ନ ଥିବା ରିପୋର୍ଟ କରିଥିଲେ। ଗୋଟିଏ ମାସରେ ଏହା ଦ୍ୱିତୀୟ ଥର ପାଇଁ ଏକ୍ସର ସେବା ବନ୍ଦ ହୋଇଛି। ପୂର୍ବରୁ, ଜାନୁଆରୀ ୧୬ରେ ଭାରତ, ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ ଏବଂ କାନାଡା ସମେତ ଅନେକ ଦେଶରେ ହଜାର ହଜାର ଉପଭୋକ୍ତା ପ୍ଲାଟଫର୍ମ ଆକ୍ସେସ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ଡାଉନ୍‌ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ୪୯% ଏକ୍ସ ଉପଭୋକ୍ତା ୱେବସାଇଟ୍ ଆକ୍ସେସ୍ କରିପାରିଲେ ନାହିଁ। ଏହି ସମୟରେ ୪୧% ଆପ୍ ବ୍ୟବହାର କରିବାରେ ସମସ୍ୟା ରିପୋର୍ଟ କରିଛନ୍ତି ଏବଂ ପ୍ରାୟ ୧୦% ଟାଇମ୍‌ଲାଇନ୍ ଲୋଡ୍ କରିବାରେ ସମସ୍ୟା ରିପୋର୍ଟ କରିଛନ୍ତି। ବିଭ୍ରାଟ ମୋବାଇଲ୍ ଆପ୍ଲିକେସନ୍ ଏବଂ ଡେସ୍କଟପ୍ ସଂସ୍କରଣ ଉଭୟକୁ ପ୍ରଭାବିତ କରିଛି। ଆପ୍ ଖୋଲିବା ସମୟରେ ବ୍ୟବହାରକାରୀମାନେ ଏକ ଖାଲି ସ୍କ୍ରିନ୍ ଦେଖିବାର ରିପୋର୍ଟ କରିଛନ୍ତି।

## ଏଏମ୍/ଏନ୍‌ଏସ୍ ଇଣ୍ଡିଆ 'ଭାଇବ୍ରାନ୍ସ' ଏବଂ 'ଅପ୍ଟିମା'ର ବଜାର ପ୍ରବେଶ

ଭୁବନେଶ୍ୱର, ୧୬।୨ (ସମିସ): ଏଏମ୍/ଏନ୍‌ଏସ୍ ଭାଇବ୍ରାନ୍ସ ଏବଂ ଏଏମ୍/ଏନ୍‌ଏସ୍ ଅପ୍ଟିମାର ବଜାର ପ୍ରବେଶ ସହିତ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ନିଜର ମୂଲ୍ୟବର୍ଦ୍ଧିତ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଏହି ଦୁଇଟି ବିଶ୍ୱସ୍ତରୀୟ, ପ୍ରିମିୟମ୍ ବ୍ରାଣ୍ଡେଡ୍ ଇସ୍ପାତ ସମାଧାନକୁ ଘରୋଇ ଉପକରଣ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ମୂଳ ଉପକରଣ ନିର୍ମାତା (ଓଇଏମ୍)ମାନଙ୍କର ବର୍ଦ୍ଧିତ ଡିଜାଇନ୍-ସମ୍ପର୍କିତ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏକପ୍ରକାର ପୃଷ୍ଠ ଗୁଣବତ୍ତା, ଉଚ୍ଚ ସହନଶୀଳତା ଏବଂ ବ୍ୟାପକ ଉତ୍ପାଦନବେଳେ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରୁଥିବା ଇସ୍ପାତର ଚାହିଦା ବୃଦ୍ଧି ପାଇବା ସହିତ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏହାର ମୂଲ୍ୟବର୍ଦ୍ଧିତ ପୋର୍ଟଫୋଲିଓକୁ ନୂତନ ବ୍ରାଣ୍ଡ ସହିତ ବିସ୍ତାର କରୁଛି, ଯାହା ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ଘରୋଇ ସ୍ତରରେ ଉଚ୍ଚମାନର, ଆନ୍ତର୍ଜାତୀୟ ମାନକ ଗୁଣବତ୍ତା ଉପଲବ୍ଧ କରାଇବ। ଏହି ଦୁଇଟି ବ୍ରାଣ୍ଡେଡ୍ କୋଟେଡ୍ ଉତ୍ପାଦ ବର୍ତ୍ତମାନ ଏକ ମୂଲ୍ୟବର୍ଦ୍ଧିତ ଉତ୍ପାଦ ପୋର୍ଟଫୋଲିଓର ଅଂଶ ହୋଇଛି, ଯେଉଁଥିରେ ଅପ୍ଟିଗାଲଭ୍, ମେଗ୍ନେଲିସ୍ସ, ଅପ୍ଟିଗାଲଭ ପ୍ରାଇମ୍, ଅପ୍ଟିଗାଲଭ ପିନାକଲ, ଏବଂ ଅନ୍ୟାନ୍ୟ ଅନ୍ତର୍ଭୁକ୍ତ - ପ୍ରତ୍ୟେକଟି ବିଭିନ୍ନ ପ୍ରୟୋଗରେ ସ୍ଥିରତା, ଦକ୍ଷତା ଏବଂ ସ୍ଥାୟୀତ୍ୱ ପାଇଁ ପରିଚିତ।

# ୩୧ ଡିସେମ୍ବର ପୂର୍ବରୁ ଅବସର ନେଇଥିଲେ ପେନ୍‌ସନ୍‌କୁ ନେଇ ଦ୍ୱନ୍ଦ୍ୱ !

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି)

**୮ମ ବେତନ ଆୟୋଗରେ ପେନ୍‌ସନ୍‌ଭୋଗୀଙ୍କ ଚିନ୍ତା**



କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନ୍‌ସନ୍‌ଭୋଗୀଙ୍କ ମଧ୍ୟରେ ଆଜିକାଲି ୮ମ ବେତନ ଆୟୋଗ ବହୁତ ଆଲୋଚନାର ବିଷୟ। ଇତି ମଧ୍ୟରେ ଗଠନ ହୋଇଛି ୮ମ ବେତନ ଆୟୋଗ। ଏଥିରେ ସମୀକ୍ଷା ହେବ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା, ଭତ୍ତା ଏବଂ ପେନ୍‌ସନ୍। ଆୟୋଗଙ୍କ ନିଷ୍ପତ୍ତି ୧ କୋଟିରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିବ। ବର୍ତ୍ତମାନ ଏକ ବିଶେଷ ପ୍ରଶ୍ନ ହେଉଛି, ୨୦୨୫ ଡିସେମ୍ବର ୩୧ ପୂର୍ବରୁ ଅବସର ନେଉଥିବା କର୍ମଚାରୀଙ୍କ ପେନ୍ସନ୍‌ସନ୍ ବୃଦ୍ଧି ପାଇବ କି ନାହିଁ। ସୋସିଆଲ ମିଡିଆରେ ବିଭିନ୍ନ ରିପୋର୍ଟ ପ୍ରସାରିତ ହେଉଛି ଯେ ପୂର୍ବରୁ ଅବସର ନେଇଥିବା ବ୍ୟକ୍ତିମାନେ ଏହି ସୁବିଧା ପାଇବେ କି, ନାହିଁ। ସରକାର କହିଛନ୍ତି ଯେ ପେନ୍‌ସନ୍ ପରିବର୍ତ୍ତନ ଅର୍ଥ ଆଇନ ୨୦୨୫ ଦ୍ୱାରା ସ୍ୱୟଂଚାଳିତ ଭାବରେ କାର୍ଯ୍ୟକାରୀ ହେବ ନାହିଁ, ବରଂ କମିଶନଙ୍କ ସୁପାରିଶ ଉପରେ ଆଧାରିତ ନିୟମାବଳୀ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଏହି ବିବୃତ୍ତି ରାଜ୍ୟସଭାରେ ଏକ ସାମ୍ପ୍ରତିକ ପ୍ରଶ୍ନର ଉତ୍ତରରେ ଆସିଛି।

ସରକାର ଜାନୁଆରୀ ମାସରେ ୮ମ ବେତନ ଆୟୋଗକୁ ଅନୁମୋଦନ କରିଥିଲେ। ଏଥିରେ ଏକ ବଡ଼ ପ୍ରଶ୍ନ ହେଉଛି, ଯଦି କେହି ୨୦୨୫ ଶେଷ ସୁଦ୍ଧା ଅବସର ନିଅନ୍ତି, ତେବେ ନୂତନ ଆୟୋଗ ଅଧୀନରେ ସେମାନଙ୍କର ପେନସନ ବୃଦ୍ଧି ହେବ କି ? ଏକ ଗୁଜବ ବ୍ୟାପିଥିଲା ଯେ ଏପରି ଲୋକଙ୍କୁ ବାଦ ଦିଆଯିବ, କିନ୍ତୁ ସରକାର ସ୍ପଷ୍ଟ କରିଛନ୍ତି ଯେ ଏହା ଏପରି ନୁହେଁ। ଏହାର ଅର୍ଥ ହେଉଛି ଯେ ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଅବସର ନେଉଥିବା କର୍ମଚାରୀମାନେ ମଧ୍ୟ ସଂଶୋଧିତ ପେନସନ ପାଇଁ ଯୋଗ୍ୟ ହେବେ, ଯଦି ଆୟୋଗଙ୍କ ସୁପାରିଶ କାର୍ଯ୍ୟକାରୀ କରାଯାଏ। ୭ମ ବେତନ ଆୟୋଗ ମଧ୍ୟ ୨୦୧୬ ପୂର୍ବରୁ ଅବସର ନେଉଥିବା ଲୋକଙ୍କୁ ଲାଭ ଦେଉଥିଲା। ପୂର୍ବ ସୁପ୍ରିମକୋର୍ଟ ନିଷ୍ପତ୍ତି ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରେ ଯେ ପେନସନରେ କୌଣସି ଭେଦଭାବ ହୋଇପାରିବନାହିଁ। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସମ୍ପ୍ରତି ସଂସଦରେ ଏକ ଲିଖିତ ଉତ୍ତର ଦେଇଛନ୍ତି ଯେ ଅର୍ଥ ବିଲ୍ ୨୦୨୫ ସହିତ ପେନସନ ସଂଶୋଧନ ସ୍ୱୟଂଚାଳିତ ଭାବରେ ଘଟେ ନାହିଁ। ଏହା କେନ୍ଦ୍ରୀୟ ସିଭିଲ୍ ସେବା (ପେନସନ) ନିୟମ ୨୦୨୧ ଏବଂ ଅନ୍ୟାନ୍ୟ ନିୟମାବଳୀ ଦ୍ୱାରା ପରିଚାଳିତ। ଆୟୋଗଙ୍କ ପାଖରେ ପେନସନ ଉପରେ ସୁପାରିଶ କରିବାର ଅଧିକାର ଅଛି ଏବଂ ସରକାର ସେଗୁଡ଼ିକୁ ଗ୍ରହଣ କରିବା ପରେ ନିର୍ଦ୍ଦେଶ ଜାରି କରିବେ। କୌଣସି କଟ-ଅଫ୍ ତାରିଖରୁ ବାଦ ଦିଆଯିବାର କୌଣସି ଉଲ୍ଲେଖ ନାହିଁ। ଏହି ବିବୃତ୍ତି ଚଳିତମାସ ୯ରେ ରାଜ୍ୟସଭାରେ ଆସିଥିଲା, ଯେତେବେଳେ ଜଣେ ସାଂସଦ ପଚାରିଥିଲେ ଯେ ବୟସ୍କ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ବାଦ ଦିଆଯିବ କି ନାହିଁ। ମନ୍ତ୍ରୀ କହିଥିଲେ ଯେ ଅର୍ଥ ଆଇନ କେବଳ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ ପେନସନ ପାଇବାର ଅଧିକାରକୁ ପରିବର୍ତ୍ତନ କରେନାହିଁ।

